ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.190 Bhubaneswar Tuesday September 5 2023 | ୨୬ତମ ବର୍ଷ ସଂଖ୍ୟା–୧୯୦ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଜଟଣୀ ଜମି ବିବାଦ: ଡିସେମ୍ବରରୁ ପଟ୍ଟା ବଂଟନ, ସତରେ ମିଳିବ ନା ପୁଣି ଦିନ ଗଡାଇଲେ ସରକାର



ଭୁବନେଶ୍ୱର,୪।୯(ପି.ଏନ): ଦୀର୍ଘ ଏକ ଦଶନ୍ଧିରୁ ଅଧିକ ଦିନ ଧରି ନିଜର ଭିଟାମାଟିକୁ ନେଇ ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଜଟଣୀ ତହସିଲ ଅଂଚଳର ଶତାଧିକ ପରିବାରକୁ ରାଜ୍ୟ ସରକାର ପୁଣି ଆଶା ଦେଖାଇଛନ୍ତି । ପୂର୍ବରୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତିଠୁ ଆରମ୍ଭ କରି ଉଚ୍ଚସ୍ତରୀୟ ବୈଠକରେ ଏହି ଜମିଗୁଡିକର ମାଲିକାନା ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଫଳପ୍ରଦ ହୋଇପାରିନି । ତେବେ ଜଟଣୀ ଖାସମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ଆସନ୍ତା ଡିସେମ୍ବର ମାସରୁ ପଟ୍ଟା ବଂଟନ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ୫୩୭ଟି ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଜିଲ୍ଲା ଗସ୍ତ ସମୟରେ ଜଟଣୀ ତହସିଲରେ ଖାସମାହଲ ସମସ୍ୟା ସମ୍ପର୍କରେ ସାଧାରଣ ଲୋକେ ତାଙ୍କୁ ଅବଗତ କରିଥିଲେ । ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଆଜି ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି । ୩ମାସ ମଧ୍ୟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଆଗାମୀ ଡିସେମ୍ବର ମାସରୁ ଲୋକଙ୍କୁ ପଟ୍ଟା ବଂଟନ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ୫୩୭ଟି ପରିବାର ଉପକୃତ ହେବେ । ସେହିପରି ଭୁବନେଶ୍ୱର ତହସିଲରେ ପତିତ ଜମିର ସତ୍ତ୍ୱ ନେଇ ଦୀର୍ଘ ୬୦ବର୍ଷ ଧରି ସମସ୍ୟା ଲାଗି ରହିଛି । ଏ ସମ୍ପର୍କରେ ବିଭିନ୍ନ ରାଜସ୍ୱ ଅଦାଲତରେ ୧୦୫୪ଟି ମାମଲା ଚାଲିଛି । ଏହି ପତିତ ଜମି ସମ୍ପର୍କରେ ଗଠିତ ରାଜସ୍ୱ ବିଭାଗର ଟାସ୍କଫୋର୍ସ ଦ୍ୱାରା ନିର୍ଦ୍ଧାରିତ ଏସଓପି ଭିତ୍ତିରେ ସମସ୍ୟାର ସମାଧାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଆଜିର ବୈଠକରେ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ସଚିବ ସତ୍ୟବ୍ରତ ସାହୁ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିବା ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ସମୟବଦ୍ଧ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସେପ୍ଟେମ୍ବର ମଧ୍ୟଭାଗରେ ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତିର ସମୀକ୍ଷା କରିବେ ବୋଲି ଜଣାପଡିଛି ।

# ସୁବର୍ଣ୍ଣପୁରରେ ହଷ୍ଟେଲ ନିର୍ମାଣରେ ଅର୍ଥ ଆତ୍ମସାତ୍ ଘଟଣା, ୨ ଇଞ୍ଜିନିୟର ଗିରଫ



ଭୁବନେଶ୍ୱର,୪।୯(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲାରେ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣରେ ୩୪ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣାରେ ଆଜି ୨ ଜଣ ଇଞ୍ଜିନିୟରଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେମାନେ ହେଉଛନ୍ତି ସୌରଭ ଦେ ଓ ସପ୍ତର୍ଷୀ ଗୋସ୍ୱାମୀ। ଦୁହେଁ ଏହି ହଷ୍ଟେଲ ନିର୍ମାଣ କରିଥିବା ହିନ୍ଦୁସ୍ତାନ ଷ୍ଟିଲ୍ ୱାର୍କ କନଷ୍ଟ୍ରକ୍ସନ ଲିମିଟେଡ୍(HSCL)ରେ ଯଥାକ୍ରମେ ସିନିୟର ସାଇଟ୍ ଇଞ୍ଜିନିୟର ଓ ସାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଏହା ପୂର୍ବରୁ ଏହି ମାମଲାରେ ଭିଜିଲାନ୍ସ ଠିକାଦାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପୁଅ ଦୀପକ କୁମାର ଅଗ୍ରୱାଲଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କେବିକେ ଜିଲ୍ଲାଗୁଡିକରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗ ହିନ୍ଦୁସ୍ତାନ ଷ୍ଟିଲ୍ ୱାର୍କ କନଷ୍ଟ୍ରକ୍ସନ ଲିମିଟେଡ୍ (HSCL) ସହିତ ଏମ୍‌ଓୟୁ କରିଥିଲା। ରାୟଗଡାରେ ଏସ୍ ?ଟି ଛାତ୍ରଛାତ୍ରୀଙ୍କ ପାଇଁ ୧୨୦ଟି ଲେଖାଏଁ ବେଡ୍ ବିଶିଷ୍ଟ ୨୬ଟି ହଷ୍ଟେଲ, ଏସ୍‌ସି ଛାତ୍ରଛାତ୍ରୀଙ୍କ ପାଇଁ ବଲାଙ୍ଗିରରେ ୧୦୦ଟି ଲେଖାଏଁ ବେଡ୍ ବିଶିଷ୍ଟ ୮ଟି ହଷ୍ଟେଲ ଓ ଏସ୍‌ସି ଛାତ୍ରଛାତ୍ରୀଙ୍କ ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦ଟି ଲେଖାଏଁ ବେଡ୍ ବିଶିଷ୍ଟ ୪ଟି ହଷ୍ଟେଲ ନିର୍ମାଣ ପାଇଁ ଚୁକ୍ତି ହୋଇଥିଲା। ଏହା ସହିତ ଗୌରମୁଣ୍ଡା, ରସ୍କା ଓ ବିଜାଦୋରରେ ୩ଟି ଅପଗ୍ରେଡେଡ୍ ହାଇସ୍କୁଲ୍ କୋଠାର ନିର୍ମାଣ ପାଇଁ ଚୁକ୍ତି ହୋଇଥିଲା। ଏସବୁ ପ୍ରକଳ୍ପର ମୂଲ୍ୟ ୪୩.୯୪ କୋଟି ଟଙ୍କା ରହିଥିଲା। କାମ ପାଇବା ପରେ HSCL ଏହି ସବୁ ପ୍ରକଳ୍ପ ପାଇଁ ଏକାଧିକ ଟେଣ୍ଡର ଡାକିଥିଲା। ସେଥିମଧ୍ୟରୁ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାରେ ୧୨ଟି ହଷ୍ଟେଲ ନିର୍ମାଣ ପାଇଁ ଠିକାଦାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପାୱାର ଅଫ୍ ଆଟର୍ଣ୍ଣି ପାଇଥିବା ତାଙ୍କ ପୁଅ ଦୀପକ କୁମାର ଅଗ୍ରୱାଲଙ୍କ ସହିତ HSCL ଚୁକ୍ତି କରିଥିଲା। ୮ କୋଟି ୧୨ ଲକ୍ଷ ୩୦ ହଜାର ୮୭୭ ଟଙ୍କାରେ ୧୨ଟି ହଷ୍ଟେଲ ନିର୍ମାଣ କରିବା ପାଇଁ ସେମାନଙ୍କ ସହିତ ଚୁକ୍ତି କରିଥିଲା ଏଚ୍‌ଏସ୍‌ସିଏଲ୍। ସେଥିରୁ ସୁବର୍ଣ୍ଣପୁରରେ ୪ଟି ହଷ୍ଟେଲ ନିର୍ମାଣ ପାଇଁ ୨ କୋଟି ୭୧ ଲକ୍ଷ ୨୪ ହଜାର ୨୦୭ ଟଙ୍କାରେ ଚୁକ୍ତି ହୋଇଥିଲା।

## ଏମସରେ ପଡ଼ି ରହିଛି ୨୮ ମୃତଦେହ

ଭୁବନେଶ୍ୱର, ୪।୯(ପି.ଏନ): ବାହାନଗା ରେଳ ଦୁର୍ଘଟଣା ମାମଲାରେ ୨୮ ମୃତଦେହ ଏବେ ମଧ ଭୁବନେଶ୍ୱର ଏମ୍ସରେ ରହିଛି । ଭୁବନେଶ୍ୱର ଏମ୍ସ ସୁପରିଟେଣ୍ଡେଣ୍ଟ ଏହି ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ମୋଟ୍ ୮୧ଟି ମୃତଦେହ ଥିଲା, ଦାବିଦାର ଥିଲେ ୧୧୦ ଜଣ। ଡିଏନ୍‌ଏ ସାମ୍ପଲ ଟେଷ୍ଟରୁ ୫୩ ଜଣଙ୍କ ମ୍ୟାଚ୍ କଲା। ମ୍ୟାଚ୍ ହୋଇ ନଥିବା ୨୮ ମୃତଦେହ ଏମ୍ସରେ ସଂରକ୍ଷିତ ରହିଛି। ଗତ ୧୦ ଦିନ ଭିତରେ କୌଣସି ମୃତକଙ୍କ ଦାବିଦାର ଆସି ନାହାନ୍ତି। ଦାବିଦାର ନଥିବା ମୃତଦେହର କ'ଣ କରାଯିବ, ନିଷ୍ପତ୍ତିକୁ ଅପେକ୍ଷା। ରେଳ ମନ୍ତ୍ରାଳୟ, ସିବିଆଇ, ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଥିବା ସେ ପ୍ରକାଶ କରିଛନ୍ତି ।

## ଘୂର୍ଣ୍ଣିବଳୟ ସକ୍ରିୟ : ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା

ଭୁବନେଶ୍ୱର, ୪।୯(ପି.ଏନ): ଗତକାଲିର ଘୂର୍ଣ୍ଣିବଳୟ ଆଜି ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସକ୍ରିୟ ରହିବା ସହ ବାୟୁମଣ୍ଡଳର ୭.୬ କି.ମି. ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ମେଟା ସହ ତିନି ବର୍ଷିଆ 'ଶିକ୍ଷାରୁ ଉଦ୍ୟମିତା' ଇନିସିଏଟିଭର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୪।୯(ପି.ଏନ): ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ମେଟା ମଧ୍ୟରେ ତିନି ବର୍ଷିଆ ସହଭାଗୀତା 'ଶିକ୍ଷାରୁ ଉଦ୍ୟମିତା : ଏକ ପିଢିର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଉଦ୍ୟମିତାଙ୍କୁ ସଶକ୍ତିକରଣ କରିବା ଇନିସିଏଟିଭକୁ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରୀୟ ଉଦ୍ୟମିତା ଏବଂ ଲଘୁ ବ୍ୟବସାୟ ସଂସ୍ଥା (ଏନଆଇଇଏସବିୟୁଡି), ଅଖିଳ ଭାରତୀୟ ବୈଷୟିକ ପରିଷଦ (ଏଆଇସିଟିଇ) ଏବଂ ସିବିଏସଇ ମଧ୍ୟରେ ତିନୋଟି ପୃଥକ ପୃଥକ ଲେଟର ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷର ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀ ପ୍ରସ୍ତୁତ କରିବା ସହ ଭାରତର ଅମୃତ ପିଢିଙ୍କୁ ସଶକ୍ତ କରିବାରେ ଆଉ ଏକ ନୂଆ ପଦକ୍ଷେପ । 'ଶିକ୍ଷାରୁ ଉଦ୍ୟମିତା' ଏକ ଗେମ ଚେଞ୍ଜର। ଏହା ଡିଜିଟାଲ କୌଶଳକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ନେବ । ଭାରତରେ ଥିବା ପ୍ରତିଭା ଭଣ୍ଡାରର କ୍ଷମତା ବୃଦ୍ଧି କରିବ। ଛାତ୍ରଛାତ୍ରୀ, ଯୁବବର୍ଗ, ମାନବ ସମ୍ବଳ, ଲଘୁ ଉଦ୍ୟୋଗୀଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହ ନିରନ୍ତର ଯୋଡି ରଖିବ। ଅମୃତ ପିଢିଙ୍କୁ ଆଗାମୀ ଭବିଷ୍ୟତର ସମସ୍ୟାର ସମାଧାନର ସୂତ୍ରଧର ହେବେ ଏବଂ ଉଦ୍ୟମୀ ଭାବରେ ପରିଣତ କରିବ । ଭାରତର ଡେମୋକ୍ରାସି, ଡେମୋଗ୍ରାଫି ଏବଂ ଡାଇଭରସିଟିକୁ ଟେକ୍ନୋଲୋଜି ସହ ଯୋଡା ହେବ । ଏହା ଦ୍ୱାରା ସମାଜରେ ପ୍ରଯୁକ୍ତିବିଦ୍ୟା ସମାନ ଭାବରେ କାମ କରିବ। ଜାତୀୟ ଶିକ୍ଷା ନୀତି ଆଧାରରେ ମେଟାର ଏନଆଇଇଏସବିୟୁଡି, ଏଆଇସିଟିଇ ସିବିଏସଇ ମଧ୍ୟରେ ସହଭାଗୀତା ଜନସାଧାରଣଙ୍କ ପାଇଁ ଡିଜିଟାଲ ସ୍କିଲିଂରେ ଅପାର ସମ୍ଭାବନା ତିଆରି କରିବ । ଲଘୁ ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ମଧ ବଳ ଦେବ। ମେଟାର ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ ମାନବସମ୍ବଳ ଦିଗରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହ ସେ କହିଛନ୍ତି ଯେ ଭାରତ ପ୍ରତିଭା ତଥା ଦ୍ରୁତ ଗତିରେ ଡିଜିଟାଲ ଗ୍ରହଣୀୟତା ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜିନିବେଶ କରିବା ପାଇଁ ଏକ ଅନୁକୂଳଯୁକ୍ତ ବାତାବରଣ ପ୍ରଦାନ କରିଛି। ଏନଆଇଇଏସବିୟୁଡିର ସହଭାଗୀତାରେ ଆଗାମୀ ୩ ବର୍ଷରେ ମେଟା ଦ୍ୱାରା ୫ ଲକ୍ଷରୁ ଅଧିକ ଉଦ୍ୟମୀଙ୍କୁ ଡିଜିଟାଲ ମାର୍କେଟିଂ ଦକ୍ଷତା ପ୍ରଦାନ କରାଯିବ। ପ୍ରାରମ୍ଭରେ ବର୍ତ୍ତମାନର ଉଦ୍ୟମୀଙ୍କୁ ମେଟା ପ୍ଲାଟଫର୍ମରେ ୭ଟି ଆଂଚଳିକ ଭାଷାରେ ଡିଜିଟାଲ ମାର୍କେଟିଂ ସ୍କିଲ୍ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ତୁର୍ଲା ଆଶ୍ରମ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ଛାତ୍ରୀ ଛାତ୍ର ଓ ଅବିଭାବକ



ଖପ୍ରାଖୋଲ,(ଭୋଜରାଜ ବରିହା) ୪।୯(ପି.ଏନ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି ଦାବିରେ ରେ ବିଦ୍ୟାଳୟ ଫାଟକ ରେ ତାଲା ପକାଇ ସୋମବାର ଛାତ୍ରୀ ଛାତ୍ର, ଅବିଭାବକ ଓ ଗ୍ରାମବାସୀ ଧାରଣା ରେ ବସିଥିଲେ । ଆନ୍ଦୋଳନ କାରୀଙ୍କ ଅଭିଯୋଗ ଅନୁସାରେ ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଯାଏଁ ୪୦୭ ଛାତ୍ରୀ ଛାତ୍ର ଅଧ୍ୟୟନ କରିଥିବା ବେଳେ ଶିକ୍ଷାଦାନ ପାଇଁ କେବଳ ୪ ଜଣ ଶିକ୍ଷକ ଅଛନ୍ତି । ପ୍ରଧାନ ଶିକ୍ଷକ ଅଫିସ କାମରେ ଗଲେ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି । ଜଣେ ଶିକ୍ଷୟତ୍ରୀ ନିଯୁକ୍ତି ପାଇଲା ଦିନରୁ ଛୁଟି ରେ ଥିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଶିକ୍ଷକ ନିଯୁକ୍ତି ଦାବି ନେଇ ଅବିଭାବକ ମାନେ ଅନୁସୂଚିତ ଜାତି ଜନଜାତି ବିଭାଗ କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନ ନେବା ରୁ ପରିଶେଷରେ ଗ୍ରାମବାସୀ ଆଶ୍ରମ ବିଦ୍ୟାଳୟ ରେ ତାଲା ପକାଇଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ରେ ତାଲା ପଡ଼ିଥିବା ଜାଣି ଖପ୍ରାଖୋଲ ବିଡିଓ ବିଜୟ କୁମାର ହୋତା ଓ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତିକ୍ଷ୍ୟା ସାହୁ ଧାରଣା ସ୍ଥଳ ରେ ପହଞ୍ଚି ଅବିଭାବକ ଙ୍କୁ ବୁଝା ସୁଝା କରି ଶୀଘ୍ର ଶିକ୍ଷକ ନିଯୁକ୍ତି କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ, ଆଜି ପର୍ଯ୍ୟନ୍ତ ନିର୍ମାଣ ହେଲାନି ବସ୍‌ଷ୍ଟାଣ୍ଡ



ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଯାତ୍ରୀଙ୍କ ଦୁଃଖ ଯିବ। ସେଥିପାଇଁ ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଯାଇ ନୂଆ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ୍ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲାନି ବସ୍‌ଷ୍ଟାଣ୍ଡ। ଦୁଇ ଗୋଷ୍ଠୀଙ୍କ ବିବାଦ ଯୋଗୁ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରୁନଥିବା ଚର୍ଚ୍ଚା ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି ।ନୟାଗଡ ଜିଲ୍ଲା ଦଶପଲ୍ଲା ଟାଉନ୍‌ରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ସେଥିପାଇଁ ୭ କୋଟି ଟଙ୍କା ମଞ୍ଜୁର କରିଥିଲେ ରାଜ୍ୟ ସରକାର। ୨୦୨୨ ମସିହା ମାର୍ଚ୍ଚ ୧୯ ତାରିଖରେ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଦଶପଲ୍ଲା ଯାଇ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ୍ କରିଥିଲେ। ଇତି ମଧ୍ୟରେ ବର୍ଷରୁ ଅଧିକ ସମୟ ବିତି ଗଲାଣି। ହେଲେ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରି ନାହିଁ। ଜାଗା ସ୍ଥିର ହୋଇପାରୁନଥିବାରୁ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରୁ ନଥିବା ଅଭିଯୋଗ ହେଉଛି।

## ୧୦୮ ଦଫା ଚାର୍ଜସିଟ୍ ସହ ସରକାରଙ୍କୁ ଘେରିବ ବିଜେପି

ଭୁବନେଶ୍ୱର, ୪।୯(ପି.ଏନ): ୧୦୮ ଦଫା ଚାର୍ଜସିଟ୍ ସହ ସରକାରଙ୍କୁ ଘେରିବାକୁ ବିଜେପି ଯୋଜନା କରିଛି । ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୫ଟି ସଚିବଙ୍କ ଜିଲ୍ଲା ଗସ୍ତ ପ୍ରସଙ୍ଗ ଚାର୍ଜସିଟ୍‌ରେ ରହିବ। କେଉଁ କ୍ଷମତାରେ ଜିଲ୍ଲା ବୁଲୁଛନ୍ତି, ସବୁ କାମ ତାମିଲନାଡୁ ଲୋକଙ୍କୁ ଦେଉଛନ୍ତି ତା ଉପରେ ପ୍ରଶ୍ନ କରାଯିବ ।

# ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ: ସତ୍ୟପାଠ ଦେବାକୁ ସାଂସଦଙ୍କୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୪।୯(ପି.ଏନ): ନ୍ୟାଶନାଲ କନଫରେନ୍ସର ସାଂସଦ ମହମ୍ମଦ ଅକବର ଲୋନଙ୍କୁ ସୁପ୍ରିମକୋର୍ଟ ଆଜି ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଭାରତର ସମ୍ବିଧାନକୁ ସେ ମାନନ୍ତି ଓ ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ ବୋଲି ସ୍ୱୀକାର କରି ସାଂସଦ ଲୋନ ସତ୍ୟପାଠ ଦାଖଲ କରନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଧାରା ୩୭୦ ଉଚ୍ଛେଦ ବିରୋଧରେ ଚାଲିଥିବା ଶୁଣାଣି ବେଳେ ସୁପ୍ରିମକୋର୍ଟ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଧାରା ୩୭୦ ଉଚ୍ଛେଦ ବିରୋଧୀ ଆବେଦନକାରୀଙ୍କ ମଧ୍ୟରେ ଲୋନ ରହିଛନ୍ତି।

# ପରମହଂସ ସତ୍ୟାନନ୍ଦ ସରସ୍ୱତୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ 'ଆମ ସଂସ୍କୃତି' କୁଇଜ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ







ଭୁବନେଶ୍ୱର,୪।୯(ପି.ଏନ): ବିହାର ଯୋଗ ବିଦ୍ୟାଳୟର ପ୍ରତିଷ୍ଠାତା ବ୍ରହ୍ମଲୀନ ସ୍ୱାମୀ ପରମହଂସ ସତ୍ୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ସତ୍ୟାନନ୍ଦ ଯୋଗବିଦ୍ୟାଳୟରେ ଶ୍ରୀମତୀ ଗୀତା ତ୍ରିପାଠୀ ଓ ତ୍ରିଦିବ୍ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ପ୍ରାଚୀନ ଭାରତୀୟ ଜ୍ଞାନ, ସଂସ୍କୃତିର ସଚେତନତା ପୁନଃ ଜାଗରଣ ପାଇଁ 'ଆମ ସଂସ୍କୃତି ' କୁଇଜ ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଯୋଗବିଦ୍ୟା ଓ ଯୋଗନିଦ୍ରା ସାଧାରଣ ଜୀବନକୁ କିପରି ସୁସ୍ଥ ଓ ସୁନ୍ଦର କରାଯାଇପାରେ ତା' ଉପରେ ଆଲୋକପାତ କରିଥିଲେ।

ମୁଙ୍ଗେରସ୍ଥିତ ବିହାର ଯୋଗବିଦ୍ୟାଳୟରୁ ଆସିଥିବା ସ୍ୱାମୀ ତ୍ୟାଗରାଜନନ୍ଦ ସରସ୍ୱତୀ କହିଲେ ବିଭିନ୍ନ ପ୍ରକାର ଯୋଗ ଶୈଳୀ ଆପଣାଇ ଛାତ୍ରଛାତ୍ରୀମାନେ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ସହ ଆଧାତ୍ମିକ ଚେତନାର ବିକାଶ କରିପାରିବେ। ବିଦ୍ୟାଳୟର ସଭାପତି ଶ୍ରୀମତୀ ସୁଦତ୍ତା ପଟ୍ଟନାୟକ କହିଲେ, ଆମ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ବ୍ୟବହାର କରିବା ଦ୍ୱାରା ଜୀବନରେ ସମସ୍ତ ଭଲ ମଣିଷ ହୋଇପାରିବା କାରଣ ଅନ୍ୟ ଦେଶର ସଂସ୍କୃତି ଅପେକ୍ଷା ଆମ ଦେଶର ସଂସ୍କୃତି ସୁନ୍ଦର ଓ ନିଆରା।

ଆଧୁନିକତା ସ୍ପର୍ଶରେ ଆଜିକାଲିର ଛାତ୍ରଛାତ୍ରୀ, ଯୁବକଯୁବତୀମାନେ ଭାରତୀୟ ସାହିତ୍ୟ, ସଂସ୍କୃତି, ଗ୍ରନ୍ଥ ବିଷୟରେ ବିଶେଷ ରୁଚ ରଖୁନାହାନ୍ତି। ରାମାୟଣ, ମହାଭାରତ, ଭଗବତଗୀତା, ଭାଗବତ ତଥା ବିଭିନ ଭାରତୀୟ ଶାସ୍ତ୍ର ବିଷୟରେ ଅନଭିଜ୍ଞ। ସେମାନଙ୍କ ଭିତରେ ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରତି ଉତ୍ସାହ, ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ କୁଇଜ ପ୍ରତିଯୋଗିତା ଗୁରୁପୂର୍ଣ୍ଣିମାଠାରୁ ଶ୍ରୀମତୀ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମକରି ରାଜଧାନୀର ବିଭିନ୍ନ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ୫୦୭୭ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ବରିଷ୍ଠବର୍ଗରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ନାୟକ ପ୍ରଥମ ସ୍ଥାନ, ଏମବିଏସ୍ ପବ୍ଲିକ ସ୍କୁଲର ସାଇଆତ୍ମନ ଦ୍ୱିତୀୟ ସ୍ଥାନ ଓ ମଦର୍ସ ପବ୍ଲିକସ୍କୁଲର ନୀନାଦ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ମଦର୍ସ ପବ୍ଲିକ ସ୍କୁଲର ଭାର୍ଗବ ଶୁକ୍ଳା ପ୍ରଥମ ସ୍ଥାନ, ବିଜେଇଏମ୍ ସ୍କୁଲର ଅଂଶୁମାନ ପାଢ଼ୀ ଦ୍ୱିତୀୟସ୍ଥାନ ଓ ମଦର୍ସ ପବ୍ଲିକ ସ୍କୁଲର ଅସୀମ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗାମୀ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ 'ଆମ ସଂସ୍କୃତି ' କାର୍ଯ୍ୟକ୍ରମରେ ସାମିଲ କରିବା ଲକ୍ଷ ବୋଲି ତ୍ରିପାଠୀ ଦମ୍ପତି ପ୍ରକାଶ କରିଛନ୍ତି।

# ମଣିପୁର ସରକାର ଏଡିଟର୍ସ ଗିଲ୍ଡ ବିରୋଧରେ ମୋକଦ୍ଦମା ଦାୟର୍ କଲେ

ଇମ୍ଫାଲ, ୪।୯(ପି.ଏନ): ମଣିପୁର ସରକାର ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ) ବିରୋଧରେ ମୋକଦ୍ଦମା ଦାୟର୍ କରାଇଛନ୍ତି । ଏଡିଟର୍ସ ଗିଲ୍ଡ ଉପରେ ମଣିପୁର ରାଜ୍ୟରେ ସଂଘର୍ଷ ବଢାଇବା ଉଦ୍ୟମ କରିବା ନେଇ ଅଭିଯୋଗ ରହିଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ଏନ. ବିରେନ ସିଂହ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ର କାର୍ଯ୍ୟକୁ ନିନ୍ଦା କରିଛନ୍ତି । ମଣିପୁର ମୁଖ୍ୟମନ୍ତ୍ରୀ ଏନ. ବିରେନ ସିଂହ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର ଏଡିଟର୍ସ ଗିଲ୍ଡ ର ସଦସ୍ୟ ମାନଙ୍କ ବିରୋଧରେ ଏତଲା ଦାୟର୍ କରିଛି । ତାଙ୍କର ଅଭିଯୋଗ ଯେ, ଏଡିଟର୍ସ ଗିଲ୍ଡ ମଣିପୁର ରାଜ୍ୟରେ ସଂଘର୍ଷ ବଢାଇବାକୁ ଉଦ୍ୟମ କରୁଛି । ଏହି ଏତଲାରେ ଇଜିଆଇର ସଦସ୍ୟ ସୀମା ଗୁହା, ସଞ୍ଜୟ କପୁର, ଭାରତ ଭୂଷଣ ଏବଂ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ସୀମା ମୁସ୍ତଫାଙ୍କ ନାମ ରହିଛି । ମଣିପୁର ମୁଖ୍ୟମନ୍ତ୍ରୀ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ର କାର୍ଯ୍ୟକୁ ନିନ୍ଦା କରିବା ସହ କହିଛନ୍ତି ଯେ, ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଉଠାଇଥିବା ଏବଂ ଆରମ୍ଭ କରିଥିବା ପ୍ରସଙ୍ଗ ଅତ୍ୟନ୍ତ ନିନ୍ଦନୀୟ ଅଟେ । ମୁଁ ଏହାକୁ କଡ଼ା ଶବ୍ଦରେ ନିନ୍ଦା କରୁଛି । ସେ କହିଥିଲେ ଯେ, ସୁପ୍ରିମକୋର୍ଟ କେତେକ ଆୟୋଗ ଗଠନ କରିଛନ୍ତି । ଯେଉଁଥିରେ କି ଜଣେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଏବଂ କେତେକ ବିଚାରପତି ସାମିଲ୍ ଅଛନ୍ତି । ଏହା ବ୍ୟତୀତ ଭାରତ ସରକାର ଜଣେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯାଂଚ୍ ଆୟୋଗର ମଧ ଗଠନ କରିଛନ୍ତି । ପୃଥକ୍ ପୃଥକ୍ ସ୍ଥାନରେ ପୃଥକ୍ - ପୃଥକ୍ ଭାବେ ଯାଂଚ୍ ଚାଲିଛି ।










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ



ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଊର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦାନ ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ଼ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- *"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"*

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା, ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ



ଆମ ଦେଶର ଜାତିଗତ ବିବାଦ ସଂପର୍କିୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ,୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣାଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

**——ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ : ୯୪୩୭୨୩୫୩୮୬*

# ବିଷାଦଗ୍ରସ୍ତ ଭାରତ



ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

**ଡାକ୍ତର ସମ୍ରାଟ କର**, ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୮୩୨୪୩୩୩୩୩

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଅଗ୍ରଣୀ ସଙ୍ଗଠନ ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଶତପଥୀ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ , ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମାନସ ରନ ଜେନା ଓ ମାନସ ରଂଜନ ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରନ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଲେଖକ ଧ୍ରୁବ ଚରଣ ବିଶ୍ୱାଳ, ସାମ୍ବାଦିକ ଅଖିଳ ସ୍ୱାଇଁ, ସାମାଜିକକର୍ମୀ ମକରଧ୍ୱଜ ଦାସ ଓ ମିହିର ଖୁଂଟିଆଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ ସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅ'ର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟ'1 ସଭାରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ କରାଯିବା ସହିତ ଜନ୍ମ ପୀଠ ସୁଆଣ୍ଡୋ କୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିବାରୁ ଶ୍ରୀ ଲାବଣ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଭରତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟ'1 ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶା' ସାହୁ, ରଜତ ସାହୁ, ଶ୍ରୀକାନ୍ତ ବାରିକ , ସୁବ୍ରତ କୁମାର ଜେନା, ଅସିତ କୁମାର ଜେନା, କପିଳେନ୍ଦ୍ର ସେଠୀ, ଧିରେନ୍ଦ୍ର ଦାସ, ସୁଶା' ସାହୁ, ସରୋଜ ପଲେଇ ପ୍ରମୁଖ ବହୁ ଯୁବ ନେତା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବନେତା କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୁର୍ତ୍ତୀ ନିକଟରେ ଗୋପବନ୍ଧୁଙ୍କ ଜୟ'1 ପାଳିତ ହୋଇଯାଇଛି । ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କିଶାନ ପଣ୍ଡାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନୁ ଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡା, ଶିକ୍ଷକନେତା ଯୁଧୀଷ୍ଠିର ସ୍ୱାଇଁ, ଅଧ୍ୟାପକ ପ୍ରଶା' କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ, ପୂର୍ବତନ ସମିତିସଭ୍ୟ ନରୋତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅଶହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧ୍ୟକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାଁ, ନାରାୟଣ ପଣ୍ଡା,କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚମ୍ପାଚାରା ରୋପଣ କରିଥିଲେ । ସଦସ୍ୟ ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ଋତୁପୂର୍ଣ୍ଣା ଓ ସମ୍ପୂର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୫**

# ମହାରାଜ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବହୁତ ଜମି, ବହୁତ କ୍ଷେତ୍ର ବହୁ ଧନ ସମ୍ପତ୍ତି ପଶୁର ଅଧିକାରୀ ବଡ଼ ପଦବୀଧାରୀଙ୍କୁ ଲୋକେ ମହାରାଜ ଡାକିଥାନ୍ତି । ପୂର୍ବେ ବଡ଼ ବଡ଼ ଜମିଦାରମାନେ ବ୍ରିଟିଶ ପ୍ରଶାସନକୁ ବଡ଼ ରକମ ଖଜଣା ପୈଠ କରିବା ସହିତ ତାଙ୍କ ଭୂମିରେ ବ୍ରିଟିଶ ବଣିକଙ୍କର ଅବାଧ ବାଣିଜ୍ୟ (ଆମଦାନୀ ଇରାନୀ ଡୁଇଟି) କରିବାରେ ସହାୟକଙ୍କୁ ରାଜ ସହାୟକ ବୋଲି ମହାରାଜ ସମ୍ମାନରେ ଭୂଷିତ କରୁଥିଲେ । ମହାରାଜଙ୍କୁ ତାଙ୍କର କରଦ ଜମିଦାର ଓ ପ୍ରଜା ସେପରି ଭାବରେ ଡାକୁଥିଲେ । ଏହି ମହାରାଜମାନେ ନିଜେ ଛୋଟ ଛୋଟ କରଦ ରାଜ୍ୟର ଅଧିଶ୍ୱର ଥିଲେ । ଏମାନେ ଆଟବାଟରେ ସମସ୍ତ ଲୋକଙ୍କ ଠାରୁ ଭିନ୍ନ ଥିଲେ । ଏମାନଙ୍କର ସ୍ୱତନ୍ତ୍ର ସେନା ପୋଲିସ ମନ୍ତ୍ରୀ, ସେନାପତି, ସେକ୍ରେଟାରୀ, ସଚିବ, ଦପ୍ତର, କଚେରୀ ଚାଲୁଥିଲା । ରାଜା ମୁକୁଟ, ପଗଡ଼ି ଭିନ୍ନ ପ୍ରକାରରେ ପିନ୍ଧୁଥିଲେ । ଗମନାଗମନରେ ଘୋଡ଼ା ହାତି ସବାରୀ କାନ୍ଧିଆ ନୌକା ଅଲଗା ରହିଥିଲା ।ଏପରି ରାଜା ହେଲେ ଭୋଗ୍ୟ ରାଜ୍ୟର ଅଧିଶ୍ୱର ଆଉ ଏକ ମହାରାଜ ଡାକ ଅଛି, ସଂସାର ତ୍ୟାଗୀ ସନ୍ନ୍ୟାସୀଙ୍କ ଉଦ୍ଦେଶ୍ୟରେ ଡାକ । ଏହାଙ୍କର ରାଜ୍ୟ ଜମିଜମା କ୍ଷେତ୍ର ନୁହଁ ସ୍ୱ ସ୍ୱ ଶରୀର ଉଦ୍ଦୀପନା ସ୍ରଷ୍ଟା ଇନ୍ଦ୍ରିୟ ମାନଙ୍କୁ ତାଙ୍କର ମନରେ ଆୟତ କରି ରିପୁ ମାନଙ୍କୁ ଦମନ କରି ସେ ଏକ ଆଧ୍ୟାତ୍ମିକ ରାଜ୍ୟର ମହାରାଜ । ଲୋକେ ତାଙ୍କୁ ନିଷ୍ଠା ଦେଖି ସାଧନା ଜାଣି ତ୍ୟାଗୀ ବୁଝି ତାଙ୍କୁ ମହାରାଜ ଡାକନ୍ତି । ଏମାନେ ଭୌତିକ ଦୁନିଆରୁ କ୍ଷାନ୍ତ । ପ୍ରତ୍ୟକ୍ଷ ମହାରାଜଙ୍କ ରାଜକୀୟ ଭୋଜନ ଅଧ୍ୟାୟରୁ ଏମାନେ ବିମୁଖ, ମାଧୁକରୀ ଭିକ୍ଷାକରି ଦିନକୁ ଯେତିକି ଅଧାର ତାଙ୍କର ହୋଇପାରିବ ସେତିକି ସେ ମାଧୁକରୀ କରି ସେ ପେଟ ପୋଷନ୍ତି । ଜିହ୍ୱାର ସ୍ୱାଦକୁ ସେ ପ୍ରାଧାନ୍ୟ ଦିଅନ୍ତି ନାହିଁ କି କାଲିପାଇଁ ଭିକ୍ଷାନ୍ନ ସଞ୍ଚୟ କରନ୍ତି ନାହିଁ । ଲୋକଙ୍କ ସହିତ ଅତି ଆତ୍ମୀୟତା ଜମାନ୍ତି ନାହିଁ । କେହି ଅତି ଆପଣାର କେହି ଶତୃତା ସମ୍ବନ୍ଧରେ ନଥାନ୍ତି । ଏକ ସାଧନା ଅଜାତ ଶତୃରେ ରଖିବାରେ ଚେଷ୍ଟିତ ରହନ୍ତି । ଭାବ ଅଭାବ ସଂସାରୀର ଦୁନିଆର ନିତ୍ୟ ଭୋଗ । ଏତେ ସଂସାର ବିରାଗୀ ଏମାନଙ୍କୁ ଏହା ଧରିବା ବା କେମିତି ? ଉଭୟ ସମ୍ମାନନୀୟ ଭୋଗସୁଖ ଲିପ୍ତ ମହାରାଜରେ ଗୋସେଇଁ, ଚଣ୍ଡମୁଣ୍ଡର କର୍ତ୍ତା । ଆଉ ଭୋଗ ବର୍ଜିତ ସନ୍ନ୍ୟାସୀ ଭକ୍ତିରାଜ୍ୟରେ ପ୍ରବେଶ କରିଥିବାରୁ ଲୋକେ ଭକ୍ତି ସଦା ନମନ ହୁଅନ୍ତି । ତାଙ୍କର ଆଶୀର୍ବାଦର ମୂଲ୍ୟ ଅମୂଲ୍ୟ ମୂଲ୍ୟ । ସମସ୍ତଙ୍କ ପରି ଉଭୟ ମରିବା ତ ନିଶ୍ଚିତ ହେଲେ ଭୋଗୀ ରାଜାର ମୃତ୍ୟୁଭୟ ଅଛି, ସନ୍ନ୍ୟାସୀ ମହାରାଜଙ୍କର ମୃତ୍ୟୁଭୟ ନାହିଁ । ଅନେକ ରାଜା ମହାରାଜ ଜମିଦାର ନିଷ୍ଠୁର ପଣିଆ ଯୋଗୁ ଲୋକରେ ଘୃଣ୍ୟ, କିନ୍ତୁ ଅନେକ ମହାରାଜ ଚାଲିଗଲେଣି ହେଲେ ଲୋକେ ତାଙ୍କୁ ଏବେ ବି ମନ ପକାଉଛନ୍ତି ଯଥା ପୁଣ୍ୟଶ୍ଲୋକ ଯୁଧିଷ୍ଠିର, ରାଜାବଳୀ, ରାଜାନଳ, ଆଉ କଂସ, ଜରାସନ୍ଧ, ଦୁର୍ଯ୍ୟୋଧନ ନାମ କେହି ନିଅନ୍ତି ନାହିଁ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ

ଯଶସ୍ୱିନୀ ପଟ୍ଟନାୟକ

'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।' ଛାତ୍ରବତ୍ସଳ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ପ୍ରତି ଛାତ୍ରମାନଙ୍କର ଖୁବ ଶ୍ରଦ୍ଧା ଥିଲା । ତେଣୁ ରାଷ୍ଟ୍ରପତି ହେବା ପରେ ଏକ ଛାତ୍ର ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତାଙ୍କ ଜନ୍ମଦିନ ଜାତୀୟସ୍ତରରେ ପାଳନ କରିବାର ଅଭିଳାଷ ପୋଷଣ କରିଥିଲେ । ତତ୍କାଳୀନ ମାନ୍ୟବର ରାଷ୍ଟପ୍ରତି କହିଥିଲେ ତାଙ୍କ ଜନ୍ମ ଦିନ ସେମାନେ ପାଳନ କରିବାକୁ ଚାହୁଁଛନ୍ତି ଏହା ଅତି ଉତ୍ତମ କଥା । କିନ୍ତୁ ସେ ଚାହାନ୍ତି ତାଙ୍କ ଜନ୍ମଦିନ ଶିକ୍ଷକ ସମାଜ ପାଇଁ ସମ୍ମାନ ଆଣିଦେଉ । ଅତଏବ୍ ତାଙ୍କ ଜନ୍ମଦିନକୁ ଶିକ୍ଷକଙ୍କ ସମ୍ମାନ ଦିବସ ବା ଗୁରୁ ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜେ ଜଣେ ଶିକ୍ଷକ ହୋଇଥିବାରୁ ଶିକ୍ଷକକୁଳର ସମ୍ମାନରେ ଏହା ପାଳନ କରାଗଲେ ସେ ଖୁସି ହେବେ ବୋଲି କହିଥିଲେ । ଗୁରୁଙ୍କ ମହିମା ଘେନି ସ୍ୱୟଂ ସନ୍ଥ କବୀର ସ୍ୱଲିଖିତ ଏକ ପଦରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଭଗବାନ ଓ ଗୁରୁ ଏକତ୍ର ଦଣ୍ଡାୟମାନ ହେଲେ ସେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ତାଙ୍କୁ ଈଶ୍ୱରଙ୍କୁ ଜାଣିବାର ଜ୍ଞାନ ସମ୍ଭବ କରାଇବେ । ଯାହା ଭଗବାନଙ୍କୁ ପ୍ରଣାମ କଲେ ହେବନାହିଁ । ସେ ଭଗବାନଙ୍କୁ ପ୍ରଣାମ ହୁଏତ କରିବେ କିନ୍ତୁ ଭଗବାନ କିଏ ଏବଂ କ'ଣ ପାଇଁ ସେ ଶକ୍ତିମାନ ତାହା ଅଜଣା ରହିଯିବ । କବୀର ପୁଣି କହିଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ମନୁ ଗୁରୁଙ୍କୁ ହିଁ ମଣିଷର ପ୍ରକୃତ ଅଭିଭାବକ



ଦର୍ଶାଇଛନ୍ତି । ମନୁଙ୍କ ଅନୁଯାୟୀ, ବିଦ୍ୟା ମାତା ରୂପରେ ଶିଷ୍ୟକୁ ଲାଳନପାଳନ କରନ୍ତି, ସଦ୍‌ଗୁରୁ ସେ ଶିଷ୍ୟକୁ ଉପଯୁକ୍ତ ଭାବେ ବଞ୍ଚିବାର ପରମଲକ୍ଷ୍ୟ ପ୍ରାପ୍ତିର ସାମର୍ଥ୍ୟ ଦେଇଥାନ୍ତି । ପିତା ମାତା ଶିଶୁକୁ ଜନ୍ମ ଦେଇ ତାର ପାଳନ ପୋଷଣ କରିଥାନ୍ତି କିନ୍ତୁ ବିକାଶର ମାଧ୍ୟମ ହୁଅନ୍ତି ଗୁରୁ । ଶିଶୁକୁ ସତପଥରେ ଚାଲିବା ଶିଖାନ୍ତି ଗୁରୁ । ମନୁଙ୍କ ଦୃଷ୍ଟିରେ ବିଦ୍ୟା ମାତା ହେଲେ ଗୁରୁ ତାର ପିତା । ଏହି ପ୍ରସଙ୍ଗରେ ଏକ କାହାଣୀ ମଧ୍ୟ ରହିଛି । ପୁରାଣ ଯୁଗରେ ଜଣେ ରାଜା ଗୁରୁ ଓ ଭଗବାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ବିଷୟରେ ଏକ ପରୀକ୍ଷା କରିବାକୁ ଅଧିକାଂଶ ଜ୍ଞାନୀ ଗୁରୁ ହିଁ ଶ୍ରେଷ୍ଠ ବୋଲି ମତ ଦେଇଥିଲେ । ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମଣିଷକୁ ଜ୍ଞାନ ଔଜ୍ଜଲ୍ୟ ସହିତ ପରିଚିତ କରାଇଥାନ୍ତି । ପ୍ରଥମେ ଗୁରୁଙ୍କୁ ପୂଜିଲେ ସେ ଯଥାର୍ଥରେ ଭଗବାନଙ୍କ ଲୀଳା ସମ୍ପର୍କରେ ଅବଗତ କରାଇଥାନ୍ତି ।ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଗୁରୁକୁଳ ଶିକ୍ଷା ଦାନ ଉଲ୍ଲେଖ କରିବାର କଥା ଆବଶ୍ୟକତା ରହିଛି । ପ୍ରାଚୀନ କାଳରେ ଏହି ଶିକ୍ଷା ବିଶେଷ ମହତ୍ତ୍ୱ ରଖିଥିଲା । ସେ ସମୟରେ ଆଜିଭଳି ସ୍କୁଲ ଶିକ୍ଷାର ସୁବିଧା ନଥିଲା । ଥିଲା ଏକ ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା । ଯାହାକୁ କୁହନ୍ତି ଗୁରୁକୁଳ ଶିକ୍ଷା । ଏଥିପାଇଁ ବାଳକ ମାନଙ୍କୁ ଗୁରୁ ଆଶ୍ରମ ପଠାଯାଉଥିଲା । ସେଠାରେ ସେମାନେ ଶିକ୍ଷା ସମାପ୍ତ ଯାଏ ରହି ବିଦ୍ୟା ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ । ଗୁରୁ ଭାବେ ମୁନି ଋଷି ସେମାନଙ୍କୁ ଶିକ୍ଷାଦାନ ସହିତ ଅଭିଭାବକ ସାଜି ସେମାନଙ୍କର ଭଲମନ୍ଦ ଦେଖାଶୁଣା କରୁଥିଲେ । ଶିଷ୍ୟ ମଧ୍ୟ ଗୁରୁ ପତ୍ନୀଙ୍କୁ ପିତାମାତାର ସମ୍ମାନ ଦେଉଥିଲେ । ଆଧୁନିକ ଯୁଗରେ ଗୁରୁକୁଳ ପରମ୍ପରା ଦେଖିବାକୁ ମିଳୁନଥିଲେ ହେଁ ଗୁରୁକୁଳମାନେ ଅବଶ୍ୟ ପ୍ରତିଷ୍ଠା କରାଯାଉଛି । ବିଶେଷ କରି ଗାନ୍ଧର୍ବ କଳା କ୍ଷେତ୍ରରେ ଏଭଳି ଗୁରୁକୁଳ ଦେଖିବାକୁ ମିଳୁଛି । ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି । ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି । ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ । ଶିବଙ୍କର ଆଦି ଅନ୍ତ ସମ୍ପର୍କରେ କେହି ଜାଣନ୍ତି ନାହିଁ । ଭଗବାନ ଶଙ୍କର ଅନେକ ଶିଷ୍ୟଙ୍କୁ ପରମ ଜ୍ଞାନ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ରହିଛି । ତନ୍ମଧ୍ୟରୁ ଅନ୍ୟତମ ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ । ଶିବଙ୍କ ପ୍ରଦତ୍ତ ପର୍ଶୁରେ ସେ ଅନେକବାର ଧରିତ୍ରୀକୁ କ୍ଷତ୍ରୀୟ ଶୂନ୍ୟ କରିଥିଲେ । କୁହାଯାଏ ଶିବ ହିଁ ସୃଷ୍ଟିର ପ୍ରଥମ ଗୁରୁ । ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ନାଗଙ୍କ ଭଉଣୀ ଦେବୀ ଜରତ୍କାରୁ ମନସାଙ୍କ ଗୁରୁ ମଧ୍ୟ ଭଗବାନ ଶିବ ।ବୃହସ୍ପତି ଦେବତା ମାନଙ୍କ ଗୁରୁ । ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ମହର୍ଷି ଅଙ୍ଗିରାଙ୍କ ପୁତ୍ର । ସେ ତାଙ୍କ ଜ୍ଞାନ ବଳରେ ଦେବତାଙ୍କୁ ସେମାନଙ୍କ ଯଜ୍ଞ ଭାଗ ପ୍ରାପ୍ତ କରାଇବା ସହିତ ଅସୁରଙ୍କ ଯଜ୍ଞରେ ବିଘ୍ନ ଘଟାଇ ଦାନବଙ୍କୁ ହରାଇବାର ପ୍ରୟାସ କରିଥାନ୍ତି । ବୃହସ୍ପତି ମନ୍ତ୍ରର ପ୍ରୟୋଗ କରି ଦେବତାଙ୍କ ପୋଷଣ କରିବା ସହିତ ସେମାନଙ୍କୁ ରକ୍ଷା କରିଥାନ୍ତି । ମହାନ ଯୋଦ୍ଧା ଏବଂ ଜଣେ ବିଶିଷ୍ଟ ଗୁରୁ ଥିଲେ ପର୍ଶୁରାମ । ତାଙ୍କ ଜନ୍ମ ବ୍ରାହ୍ମଣ କୁଳରେ ହୋଇଥିଲା । ଶିବଙ୍କ ଠାରୁ ସେ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରାପ୍ତ କରିଥିଲେ । ଭୀଷ୍ମ, ଦ୍ରୋଣ ତଥା କର୍ଣ୍ଣ ତାଙ୍କର ମହାନ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ । ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣ ପର୍ଶୁରାମଙ୍କୁ ନିଜ ପରିଚୟ ଲୁଚାଇ ତାଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରିଥିଲେ । ଏହା ଜାଣିବା ପରେ ସେ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ । ଗୁରୁ ଦିବସରେ କେବଳ ଯେ ସ୍କୁଲ ଓ କଲେଜର ଶିକ୍ଷାଗୁରୁ ପୂଜିତ ହୋଇଥାନ୍ତି ତା ନୁହେଁ । ଆଧ୍ୟାତ୍ମିକ ଗୁରୁଙ୍କ ସହିତ ବିଭିନ୍ନ କଳା, କୌଶଳ, କ୍ରୀଡ଼ା ଆଦି ଶିଖାଉଥିବା ଗୁରୁମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ସର୍ବପଲ୍ଲୀ ରାଧାକୃଷ୍ଣନ ସମଗ୍ର ବିଶ୍ୱକୁ ଏକ ବିଦ୍ୟାଳୟ ରୂପେ ଜ୍ଞାନ କରୁଥିଲେ । ସେ ଭାବୁଥିଲେ ଶିକ୍ଷା ଦ୍ୱାରା ମସ୍ତିଷ୍କର ଉପଯୁକ୍ତ ବିକାଶ କରାଯାଇପାରିବ । ତେଣୁ ସମଗ୍ର ବିଶ୍ୱକୁ ଏକ ପରିବାର ମନେ କରି ସେହି ଅନୁସାରେ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯିବା ଉଚିତ ବୋଲି କହିଥିଲେ । ସେ ତାଙ୍କ ବକ୍ତବ୍ୟ ଓ ଲେଖା ମାଧ୍ୟମରେ ଭାରତୀୟ ଦର୍ଶନ ଶାସ୍ତ୍ରକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ପୁରାଣ ଯୁଗରେ ଗୁରୁଙ୍କ ଗୁରୁତ୍ୱ ଗୁରୁ ପୂର୍ଣ୍ଣିମାରେ ପ୍ରତିଫଳିତ ହେଉଥିବା ବେଳେ ଆଧୁନିକ କାଳରେ ଗୁରୁ ଦିବସ ହିଁ ଗୁରୁଙ୍କ ମହିମା ବର୍ଣ୍ଣନାର ଅବସର ଆଣିଦେଇଥାଏ । ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ପାଳିତ ହୋଇଥାଏ ଟିଚର୍ସ ଡେ ବା ଗୁରୁ ଦିବସ । ୧୯୬୨ ମସିହାରୁ ନିୟମିତ ଭାବେ ଏହି ଦିବସ ପାଳିତ ହୋଇଆସୁଛି । ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଜ୍ଞା ପୁରୁଷ, ବିଖ୍ୟାତ ଦାର୍ଶନିକ ଓ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ହିଁ ପ୍ରତିବର୍ଷ ଶିକ୍ଷକଙ୍କ ସମ୍ମାନ ଦିବସ ଭାବେ ପାଳନ କରାଯାଉଛି । ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପ୍ରଥମେ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତିଭରା ପ୍ରଣାମ କରି ଆଶୀର୍ବାଦ ଲାଭ କରିଥାନ୍ତି । ଫୁଲମାଳ ପିନ୍ଧାଇ ଚନ୍ଦନ ଚର୍ଚ୍ଚିତ କରିବା ସହିତ ପୂଜା କରାଯାଇଥାଏ । ଶିକ୍ଷକ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ସେମାନଙ୍କୁ ବିନୟୀ ହେବାର ପରାମର୍ଶ ଦେଇଥାନ୍ତି ।

*ଚେୟାର ପର୍ସନ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

# ଭାଗବତ ଟୁଙ୍ଗି ଓ ଶ୍ରୀମଦ୍ ଭାଗବତ ପରମ୍ପରା



ନାରାୟଣ ଚନ୍ଦ୍ର ବିଶ୍ୱାଳ

'ପରମ ଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ...... ' ଭାବଗତ ଭାଗବତ ଓଡ଼ିଆ ପ୍ରାଣରେ ଆଧ୍ୟାତ୍ମିକ ରସର ନିର୍ଝରିଣୀ ବୁହାଇଥାଏ । ଭାଗବତ ଓଡ଼ିଆ ଘରର ଅମୂଲ୍ୟ ମଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଗବତ ରସରେ ବୁଡ଼ି ରହି ସାଂସାରିକ ଜୀବନର ଗତିପଥକୁ ସହଜରେ ତେଲଲୁଣର ସଂସାର ଭିତରେ ପାର ହୋଇଯିବାର ସୂକ୍ଷ୍ମ ନିର୍ଦ୍ଦେଶନ ହିଁ ଜୀବନତତ୍ତ୍ୱ । ମୋହ ମାୟାର ସଂସାର ତେଲଲୁଣର ନିତିଦିନିଆ ଧାଁ ଧଉଡ଼ ଜୀବନ ଭିତରେ ଭାଗବତ ପାଲଟିଛି ଅବଶିଷ୍ଟ ଜୀବନ ପାଇଁ ଦିବ୍ୟପଥର ଆଲୋକବର୍ତ୍ତିକା । କର୍ମମୟ ଜୀବନରେ ଭାଗବତକୁ ନିତ୍ୟ ପାରାୟଣ ଭାବରେ ଅଭ୍ୟାସ କରି ଭାବ, ମୁକ୍ତି ଓ ଭଲପାଇବାର ମହାମନ୍ତ୍ରକୁ ପ୍ରଜ୍ୱଳିତ କରିଥିବା ଏହି ଆଧ୍ୟାତ୍ମିକ ଅନୁଚିନ୍ତନ ମଣିଷକୁ କର୍ମମୟ ବନ୍ଧନ ଭିତରେ ଦିବ୍ୟ ଜୀବନର ରାସ୍ତା ଦେଖାଇଥାଏ । ଓଡ଼ିଆ ଜନଜୀବନରେ ଶ୍ରୀମଦ୍ ଭାଗବତ ଓ ଭାଗବତୀ ଟୁଙ୍ଗିର ସ୍ଥାନ ସ୍ୱତନ୍ତ୍ର । କେବଳ ଆଗକାଳେ ନୁହେଁ ବର୍ତ୍ତମାନ ବି ଓଡ଼ିଶାର ଅନେକ ଗାଁ ଗହଳିରେ ଜଡ଼ାତେଲର ଦୀପ ଶିଖା ଭିତରେ ଭାଗବତ ପାଠର ପରମ୍ପରା ବଜାୟ ରହିଛି । କେବଳ ଗ୍ରାମାଞ୍ଚଳରେ ନୁହେଁ ରାଜ୍ୟର ସହରାଞ୍ଚଳରେ ଏ ଦୃଶ୍ୟ ଆଜିକାଲି ପରିଲକ୍ଷିତ ହେଲାଣି । ବିଶେଷକରି ଯୁବପିଢ଼ୀଙ୍କୁ ଏହି ଭାଗବତ ପାଠ ଏକ ସୁସ୍ଥ ଓ ଦିବ୍ୟ ଜୀବନ ପାଇଁ ରାସ୍ତା ଦେଖାଇଥାଏ ନିଶ୍ଚୟ । ରାଜ୍ୟ ସରକାର ସମାଜରେ ଆଧ୍ୟାତ୍ମିକ ଭାବନାର ଉନ୍ମିଳନ ପାଇଁ ଭାଗବତର ଟୁଙ୍ଗି ପୁର୍ନପ୍ରତିଷ୍ଠା ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏକ ଆଦର୍ଶଣୀୟ କାର୍ଯ୍ୟକ୍ରମ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ତିନି ବର୍ଷ ତଳେ ହାତକୁ ନିଆଯାଇଥିଲା ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲ୍ଲାର ୮୯ଟି ଭାଗବତ ଟୁଙ୍ଗି ସାମିଲ କରାଯାଇଥିଲା । ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ଏହା ପ୍ରତିଷ୍ଠା ହୋଇଛି । ଏଥିପାଇଁ ୨୨ଲକ୍ଷ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ମିଳିଥିଲା । ଗାଁ ଗାଁରେ ରହିଛି ଭାଗବତ ଟୁଙ୍ଗି । ଦିନଥିଲା ସଞ୍ଜ ନଇଁଲେ ଭାଗବତ ଟୁଙ୍ଗିରେ ଓଡ଼ିଆ ଭାଗବତ ଗୁଞ୍ଜରିତ ହେଉଥିଲା । ଗାଁର ଲୋକମାନେ ବସି ଭାଗବତ ଶୁଣୁଥିଲେ । ଗାଁରେ ଶାନ୍ତି ସଦ୍‌ଭାବ ପ୍ରତିଷ୍ଠା କରିବାରେ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା । ସମୟ ବଦଳିବା ସାଙ୍ଗକୁ ଆଧୁନିକତାର ପ୍ରଭାବରେ ସବୁକିଛି ହଜି ଯିବାକୁ ବସିଲାଣି । ଏବେ ବି ଗାଁ ଗାଁରେ ଭାଗବତ ଟୁଙ୍ଗି ରହିଥିଲେ ହେଁ କାଁ ଭାଁ ଭାଗବତ ପଢ଼ାଯାଉଛି । ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ଏହି ଯୋଜନାରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା ଭାଗବତ ଟୁଙ୍ଗିକୁ ଆର୍ଥିକ ସହାୟତା ଦିଆଯାଇ ପୁନାରୁଦ୍ଧାର ପାଇଁ ସ୍ଥିର ହେଲା । ଏଥିଲାଗି ନୀତି ନିର୍ଦ୍ଧାରଣ କରାଗଲା । ଗାଇଡ଼ଲାଇନ ଅନୁଯାୟୀ, ପ୍ରତ୍ୟହ ଭାଗବତ ପଢ଼ା ହେଉଥିବା ଏବଂ ଲୋକଙ୍କ ସହିତ ଯୋଡ଼ି ହୋଇ ରହିଥିବା ଭାଗବତ ଟୁଙ୍ଗିକୁ ଅନୁଦାନ ଦିଆଯିବ । ଗୋଟିଏ ଭାଗବତ ଟୁଙ୍ଗିକୁ ଏକକାଳୀନ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ । ସେଥିମଧ୍ୟରୁ ୧୫ ହଜାର ଟଙ୍କା ସ୍ଥାୟୀ ଜମା ରଖାଯିବ । ଭାଗବତ ଟୁଙ୍ଗିର ମୁଖ୍ୟ ଏବଂ ବିଡ଼ିଓ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମିଳିତ ଆକାଉଣ୍ଟରେ ଉକ୍ତ ଅର୍ଥ ରହିବ । ବାକି ୧୦ ହଜାର ଟଙ୍କାରେ ବ୍ୟାସ ଆସନ ଏବଂ ମାଇକ ସେଟ୍ କିଣାଯିବ । ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ଯୋଗାଇ ଦିଆଯିବ । ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା ସଂକ୍ରାନ୍ତରେ ବିଜ୍ଞାପନ ପ୍ରକାଶ ପାଇବ । ତାହାକୁ ଭିତିକରି ଭାଗବତ ଟୁଙ୍ଗିଗୁଡ଼ିକ ଆବେଦନ କରିବେ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ରହିବ । ତେବେ ସହରା ଲରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ପାଇଁ ସରକାରୀ ବ୍ୟବସ୍ଥା ତତ୍ପର ହେଉଥିବାବେଳେ ଗ୍ରାମାଞ୍ଚଳରେ ଯୋଗାଯୋଗର ଅଭାବରୁ କେତେକ ସ୍ଥାନରେ ଏବେ ବି ଭାଗବତ ଟୁଙ୍ଗି ସରକାରୀ ଭାବେ ପ୍ରତିଷ୍ଠା ନ ହୋଇଥିଲେ ବି ବଜାୟ ରହିଛି । ଏହି ଲେଖକ ମଙ୍ଗଳାବାଗ, କାଠଗୋଲା ରୋଡ଼ ମେଟ୍ରୋ ମନୋରମା ପ୍ଲାଜା ସନ୍ନିକଟ ଏକ କ୍ଲବଘରେ ଭାଗବତ ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇ ଆଧ୍ୟାତ୍ମିକତାର ଆନନ୍ଦ ଲାଭ କରିଛି । ପାଠ ଅଭ୍ୟାସ କରିବା ନିତ୍ୟାନ୍ତ ଜରୁରୀ । କେବଳ ସରକାରୀ ସାହାଯ୍ୟ ବା ସହାୟତାକୁ ନଚାହିଁ ପ୍ରତି ଗାଁ,ସାହି, ବସ୍ତୀ, ସହରରେ କିପରି ଭାଗବତ ଗାଦିର ପୁର୍ନଉଦ୍ଧାର ବା ପ୍ରତିଷ୍ଠା ହୋଇ ଶ୍ରୀମଦ୍ ଭାଗବତର ପ୍ରଚାର ପ୍ରସାର ହୋଇପାରିବ ଏ ଦିଗରେ ଦାୟିତ୍ୱ ଆମ ସମସ୍ତଙ୍କର । ପ୍ରାସଙ୍ଗିକ କରିପାରିବ ଏଥିରେ ଅତ୍ୟୁକ୍ତି ନାହିଁ । ଶ୍ରୀମଦ୍ ଭାଗବତର ସେହି ପବିତ୍ର ଧାଡ଼ି ଉଲ୍ଲେଖ କରୁଛି – 'ଏ କଳି ଯୁଗେ ଯେତେ ନରେ, ପଡ଼ିବେ ମାୟା ଅନ୍ଧକାରେ । ତାହାଙ୍କୁ ତପନ ଉଦିତ, ହୋଇବ ଭାବେ ଭାଗବତ । ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବା ନିତ୍ୟ । ଅନ୍ୟଶାସ୍ତ୍ର ଗୁଣ ଦୋଷ, ମୁଖେ ନକରିବ ପ୍ରକାଶ । ଭୁବନ ମଙ୍ଗଳ ଏ ବାଣୀ, ଶୁଣି ସଂସାରୁ ତର ପ୍ରାଣୀ । ଅଶେଷ ଭାଗବତ ତତ୍ତ୍ୱ, ଈଶ୍ୱର ବଚନ ନିର୍ମିତ । ଏଥୁ ସକଳ ଜ୍ଞାନ ପାଇ, ଅଜ୍ଞାନ ତମ ନାଶ ଯାଇ । ହୃଦୟେ ବସଇ ତତ୍‌କ୍ଷଣ, ଅନାଦି ପ୍ରଭୁ ନାରାୟଣ । ଯେଣୁ ଏ ଭାଗବତ ଯେହି, ଶ୍ରବଣ ମାତ୍ରେ ଭକ୍ତି ହୋଇ । ଶ୍ରୋତା ବକତା ଯେ ପଚାରି, ଏ ତିନିଜଣ ଯାନ୍ତି ତରି । ନାମମାତ୍ର କେ ପାପ ନାଶ, ତାରଇ ସେ ତିନି ପୁରୁଷ ।'

*କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ : ୯୪୩୮୨୭୬୭୬୦*

# ଭଞ୍ଜ ସାହିତ୍ୟରେ ନାରୀ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା । କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା । ଯେଉଁ ଅଳଙ୍କାରବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ ସେ । ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି । ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । ସେଥିପାଇଁ ଓଡ଼ିଆମାନଙ୍କ ପ୍ରାଣକୁ ଚିହ୍ନିଥିବା ଗୋପବନ୍ଧୁ ଲେଖିଥିଲେ- ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ -ପଥେ ପାନ୍ଥ ଦୁଷ୍ଟମନା, ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷ, ନୃତ୍ୟରଙ୍ଗେ ବାରାଙ୍ଗନା । ଓଡ଼ିଆ ସାହିତ୍ୟ ନିଜର ପୃଷ୍ଠଭୂମି ପାଇଁ ସଂଘର୍ଷ କରୁଥିବା ସମୟରେ ଆବିର୍ଭାବ ହୋଇଥିଲେ ଉଚ୍ଚକୋଟୀର ଶବ୍ଦ ଓ ବର୍ଣ୍ଣନା ଯୋଗୁଁ ଚଷାଠାରୁ ବାରାଙ୍ଗନା ଯାଏଁ ସମସ୍ତଙ୍କ ପ୍ରିୟ ହୋଇପାରିଥିଲା । ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ । ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲେ ସେ । ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା । ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମ ଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୁନଭାବେ ଦର୍ଶାଯାଇଛି । ଏତାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରିନଥିଲେ । ତେଣୁ ସେ ଲେଖିଥିଲେ – 'ପୁରାଣ ଅଭିଧାନ ଜାଣିଥିଲେ, ଜାଣି କିସ ହେବ ବିହ୍ୱଦ ହେଲେ । କେବଳ ହିନ୍ଦୁପୁରାଣ ନୁହେଁ, କୋରାନ୍, ବାଇବେଲ୍, ତ୍ରିପିଟକ ଆଦି ଧର୍ମଗ୍ରନ୍ଥ ଗୁଡ଼ିକରେ ମଧ୍ୟ ନାରୀମାନଙ୍କୁ ନ୍ୟୁନଦୃଷ୍ଟିରେ ବର୍ଣ୍ଣନା କରାଯାଇଛି । ହରିବଂଶ ପୁରାଣରେ ବର୍ଣ୍ଣିତ ଅଛି "ଦେବଗୁରୁ ମୋଇଲେ ସ୍ତ୍ରୀରୀଙ୍କି ନଯିବ ପରତେ, ସ୍ତ୍ରୀରିଙ୍କୁ ବିଶ୍ୱାସ ଗଲେ ଅନ୍ୟାଚାର ସଯୁଗତେ ।" ଶ୍ରୀମଦଭାଗବତରେ ନାରୀକୁ ମାୟା, ଅଜ୍ଞାନ, ଅନ୍ଧକାର, ଛଳନା ଓ କପଟର ପ୍ରତିରୂପ ଭାବରେ, ମୋକ୍ଷ ସାଧନର ପ୍ରଦାନ ଅନ୍ତରାୟ ଭାବେ ବର୍ଣ୍ଣନା କରାଯାଇଛି । ଏମନ୍ତ ସଙ୍ଗ ନ କରିବ । ଯେ ସୁଭାଗ୍ୟେ ଇଚ୍ଛାଥିବ । ଯେ ମୋକ୍ଷ ସାଧନ ଇଚ୍ଛିବ । ସେ ନାରୀସଙ୍ଗ ନ କରିବ । ନାରୀ ଅଜ୍ଞାନ ତମଦ୍ୱାର । ଯୋଗୀ ଛାଡ଼ିବେ ସଙ୍ଗ ତାର । କେବଳ ମାୟାରେ ଯୁବତୀ । ନିମର୍ଯ୍ୟାଣ କଲା ପ୍ରଜାପତି । ବ୍ୟାଧ ଯେସନେ ଛନ୍ଦ କରି । ଜୀବ ବିନାଶେ ପାଶେ ଭରି । ତେସନ ନାରୀଙ୍କ ବଚନ । ବିଶ୍ୱାସୀ ହରେ ପ୍ରାଣୀ ମନ । ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଭ୍‌କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି । କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି । ତ୍ରିପଟକରେ କୁହାଯାଇଛି 'ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ୍ୟ ଦୁଧ ପିଉଥିବା ବାଛୁରୀ ଯେପରି ଗାଇ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ ।" ଧର୍ମଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା କେବଳ ଲେଖନୀରେ ସୀମିତ ନଥିଲା ବରଂ ତାହା ପ୍ରକୃତରେ ହେଉଥିଲା । ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ଗୁଡ଼ିକରେ ନାରୀ ନିର୍ଯ୍ୟାତନା ନିଛକ ଉଦାହରଣ ଦେଖିବାକୁ ମିଳିଥାଏ । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁ ଭଳି ଭାବେ ସର୍ବ ସମ୍ମୁଖରେ ନିର୍ଯ୍ୟାତିତା ହୋଇଛନ୍ତି ତାହା ଏବେ ମଧ୍ୟ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ । କବି ସମ୍ରାଟ ଉପେନ୍ଦ୍ରଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି । ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖି ନାହାନ୍ତି । ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ୍ ନୁହେଁ । ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ । (ଲା.ବ- ୪୭/୧୮) ହିନ୍ଦୁ ପୁରାଣମାନଙ୍କରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନୁସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି । କିନ୍ତୁ ପୁରୁଷମାନଙ୍କ ପ୍ରୀତିର ସେଭଳି ପରାକାଷ୍ଠା କାହିଁ କୌଣସି ସ୍ଥାନରେ ମଧ୍ୟ ଦେଖିବାକୁ ମଳିନାହିଁ । ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ପୁରୁଷଙ୍କ ପାଦର ଯୋତା ଓ ଦାସୀଭାବେ ବର୍ଣ୍ଣନା କରାଯାଇଛି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରାଣ ବର୍ଣ୍ଣିତ ଏହି ମତବାଦକୁ ଗ୍ରହଣ କରିପାରି ନାହାନ୍ତି । ସେ କହିଛନ୍ତି ସ୍ତ୍ରୀ ସ୍ୱାମୀଙ୍କ ଭିତରେ ପ୍ରଭୁ – ଭୃତ୍ୟ ସଂପର୍କ ଆଦି ପାରିନାହିଁ ଉଭୟେ ସେବ୍ୟ ପୁଣି ଉଭେୟ ସେବକ । କେବଳ ସେତିକି ନୁହେଁ ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନି ନାହାନ୍ତି ସେ । ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତର ଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ । ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା । କବି ଉପେନ୍ଦ୍ର ଏହାର ବିରୋଧ କରିପାରିଥିଲେ ଯେ, ନାରୀମାନଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ମିଳୁ ନଥିବା ଫଳରେ ସମାଜର ଅର୍ଦ୍ଧାଧିକ



ବାଦଲ ଭୂୟାଁ

ବ୍ୟକ୍ତି ସ୍ଥାଣୁ ହୋଇଯାଇଛନ୍ତି । ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି । ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି । ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ । ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି । କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ । ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷତା ପ୍ରମାଣ କରିଛନ୍ତି । କିଏ କୁରଙ୍ଗ କି ଅବା ତୁ ରଙ୍ଗ । ଏଣି ତେଣିକି କରାଇ ସୁରଙ୍ଗ । କିଏ ନବ ବିକଚ ପଦ୍ମଦଳ । ପଡ଼ି କାଳନ୍ଦୀ ଜଳେ ଢଳଢଳ । କିଏ ସୁଧା ସିନ୍ଧୁର ଅବତରି । ହୁଏ ତରଳ ଗରଳ ଲହରୀ । କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ । ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ । (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇନଥିଲେ କବି ଉପେନ୍ଦ୍ର । ଏବେଠାରୁ ତିନିଶହ ବର୍ଷ ତଳେ ମଧ୍ୟ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ । ସେ ଜାଣିଥିଲେ ଯେ ଶିକ୍ଷିତା ନହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଂଗୀତ ଶାସ୍ତ୍ର, ନୃତ୍ୟ ଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ । କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ୍ୟ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର । ବୁଦ୍ଧି ବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୁଷୀ, ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି । ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି । ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚି ପାରିଛି । ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ । ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବୀ କରାଯାଉଛି, ମହିଳା ସଶକ୍ତିକରଣ କଥା କୁହାଯାଉଛି କିନ୍ତୁ ତାହା ବହୁବର୍ଷ ପୂର୍ବେ ଦୂର ଦୃଷ୍ଟି ସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ବର୍ଷା ଋତୁରେ ପଲ୍ଲୀ ପରିବେଶ

ପଲ୍ଲୀବହୁଳ ଉତ୍କଳର ପଲ୍ଲୀ ପରିବେଶ ନିସର୍ଗ ଲକ୍ଷ୍ମୀଙ୍କର ପ୍ରମୋଦ ଉଦ୍ୟାନ । ପ୍ରକୃତି ରାଣୀ ନବ ଭୂଷଣରେ ଅଳଙ୍କୃତା ହୋଇ ଉତ୍କଳ ପିଠରେ ବିହାର କରନ୍ତି । ଦିଗନ୍ତ ବିସ୍ତାରୀ ସବୁଜ ଶଷ୍ୟ କ୍ଷେତ୍ର, ତରଙ୍ଗ ଶୋଭିତ ନଦନଦୀ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତ ମାଳା ଓ ବିହଙ୍ଗ ଶୋଭିତ ହ୍ରଦ ଉତ୍କଳର ପଲ୍ଲୀ ପରିବେଶକୁ ଅତ୍ୟନ୍ତ ମନୋରମ କରିଥାଏ । ଏଣୁ ଉତ୍କଳ ଭୂମି ପ୍ରାକୃତିକ ସୁଷମାର ଗନ୍ତାଘର ଅଟେ । ଗ୍ରୀଷ୍ମ କାଳୀନ ରୌଦ୍ରତାପକ୍ଲିଷ୍ଟ ଧରାବକ୍ଷରେ ଆଦ୍ୟ ବାରିପାତ ଯେଉଁଭଳି ମନ ମୁଗ୍ଧକର, ସେହିଭଳି ମାଙ୍ଗଳିକ । ବର୍ଷାକାଳୀନ ମେଘ ମେଦୁର ନଭସ୍ଥଳକୁ ଲକ୍ଷ୍ୟକରି ଭକ୍ତ କବି ମଧୁସୂଦନ ରାଓ ଲେଖିଛନ୍ତି – "ଆସଇ ବର୍ଷାକାଳ ନିଦାଘ ଶେଷେ, ଘୋଟଇ ମେଘମାଳା ଆକାଶ ଦେଶେ ।" ରୁଦ୍ର ବୈଶାଖର ଅଗ୍ନିବର୍ଷଣ ପରେ ଆଦ୍ୟ ଆଷାଢର ମେଘ ମୁକୁଟ ମଣ୍ଡିତ ଗିରିଶୀର୍ଷ ଅବଲୋକନ କଲେ ଆନନ୍ଦରେ ମନ ଉତ୍‌ଫୁଲିତ ହୁଏ । କର୍ମ ମୁଖର ହୋଇ ଉଠେ କୃଷି ପ୍ରଧାନ ପଲ୍ଲୀ ଭୂମି । ପ୍ରକୃତି ବକ୍ଷରେ ପଲ୍ଲୀ ଜୀବନର ପ୍ରବାହକର୍ମ-କଲ୍ଲୋଳରେ ଉଦ୍‌ବେଳିତ ହୁଏ । ଭରା ମୌସୁମୀ ଆଗମନ ଉପରେ ଭରଷା ରଖି ପଲ୍ଲୀର କୃଷକ ଭୂମି କର୍ଷଣ କରେ । କିନ୍ତୁ ଆମ ରାଜ୍ୟରେ ମୌସୁମୀର ପ୍ରବାହ ଚୀର ଅନିଶ୍ଚିତ । ବର୍ଷେ ବର୍ଷେ ଏହାର ପ୍ରବାହ ଅପ୍ରତ୍ୟାସିତ ମଳ । କେବେ କେବେ ସେ ଜଳଦାନରେ କୃପଣାତ କେବେ କେବେ ମୁକ୍ତହସ୍ତା । ଆଷାଢ ମାସ ତାରୁଣ୍ୟ ଅତିକ୍ରମ କରେ, ପୌଢ ହୁଏ । ଆଷାଢ ଆକାଶରେ ବର୍ଷାର ସତ୍ତା ନାହିଁ । କେଦାରେ କେଦାରେ ସ୍ୱହସ୍ତ ରୋପିତ ଛୋଟ ଧାନ ଗଛକୁ ଚାହିଁ କୃଷକର ଚକ୍ଷୁ ବାଷ୍ପାକୂଳ ହୋଇଉଠେ । ପୃଥିବୀ ଶୁଷ୍କ, ଆକାଶ ଶୁଷ୍କ, କୃଷକର ପ୍ରାଣ ମଧ୍ୟ ଶୁଷ୍କ । ଏ ଯୁଗରେ ନାହିଁ ସ୍ୱର୍ଗରୁ ଗଙ୍ଗା ଝରାଇଥିବା ଭାଗିରଥଙ୍କର ତପ, ନାହିଁ ମୋଗଲ ଜେମାଙ୍କର ମେଘ ମହ୍ଲାର । ମୌସୁମୀ ଆସିବାର ବିଳମ୍ବ ଦେଖି କୃଷକ କନ୍ୟାର ମନ ବୀଣାରେ ବାଜି ଉଠେ ମହ୍ଲାର ରାଗିଣୀ । ପିତାମାତାଙ୍କ ମନର ବିଷାଦ ଭାବ ଦେଖି ପଲ୍ଲୀ ବାଳିକାର କୋମଳ ପ୍ରାଣ କୋହରେ ଭରି ଉଠେ । ମୌସୁମୀ ପ୍ରବାହିତ ହୁଏ ଶୂନ୍ୟ ମଣ୍ଡଳକୁ ଆଚ୍ଛନ୍ନ କରି । ସୂର୍ଯ୍ୟ ନିଷ୍ପ୍ରଭ ହୁଅନ୍ତି । ଆକାଶରେ ଦେଖାଦିଅନ୍ତି ଅଗଣିତ ମେଘମାଳା । ଦିଗ୍‌ବଳୟ ଧରି ଆକାଶରେ ମେଘଅନ୍ଧାର ମାଡିଆସେ । ମେଘର ମନ୍ଦ୍ରଧ୍ୱନୀ ଓ ଘଡଘଡି ଶବ୍ଦରେ ତ୍ରିଭୂବନ କମ୍ପି ଉଠେ । ଚାହୁଁ ଚାହୁଁ ବାରିଧାରା ଆକାଶରୁ ଭୂପୃଷ୍ଟକୁ ଅଜାଡି ହୋଇପଡେ । ପଲ୍ଲୀ କୃଷକର ଚକ୍ଷୁରେ ଖେଳିଯାଏ ଚମକ, ପ୍ରାଣ ପୁଲକିତ ହୁଏ । ସ୍ୱହସ୍ତ ରୋପିତ ଶସ୍ୟବୀଜ ଗୁଡିକୁ ଦେଖି ଆନନ୍ଦରେ ବିଭୋର ହୋଇଯାଏ କୃଷକ । ନିଜ ସୃଷ୍ଟିରେ ନିଜେ ଆତ୍ମହରା ହୋଇଯାଏ । କୃଷକ ମୁଖରେ ଆନନ୍ଦର ଜୁଆର ଦେଖି, ଆକାଶ ବକ୍ଷରେ ଭାସି ବୁଲୁଥିବା ଧୂସର ବର୍ଣ୍ଣର ବାଦଲ ସବୁ ରଙ୍ଗିନ୍ ହୋଇ ଉଠନ୍ତି ।ବେଳେ ବେଳେ ଝିପି ଝିପି ବର୍ଷା ଆକାଶରୁ ଭୂପୃଷ୍ଠକୁ ବିଛାଇ ହୋଇ ପଡୁଥାଏ, ମନେହୁଏ, ଆକାଶରୁ ପୁଷ୍ପ ବୃଷ୍ଟି ହେଉଅଛି । ବର୍ଷାରେ ପଲ୍ଲୀର ରାସ୍ତା କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । କେଉଁଠି କାଦୁଅରେ ଗୋଡ ଆଣ୍ଠୁଯାଏ ଗଳିପଡେ । ବନ୍ଧ ଭାଙ୍ଗି ଠାଏ ଠାଏ ବର୍ଷା ପାଣିର ସୁଅ ଚାଲିଥାଏ । ଧାରା ଶ୍ରାବଣର ମୁଷଳଧାରା ବର୍ଷାରେ କୃଷକ ମୁଣ୍ଡରେ ପଖିଆ ଦେଇ ମନ ଆନନ୍ଦରେ ବେଉଷଣ କରିବାକୁ ଯାଏ । ବର୍ଷା ତା'ର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ ନାହିଁ । ବର୍ଷା ଛାଡିଯାଏ । ମେଘର ପର୍ଦ୍ଦାଟେକି ସୂର୍ଯ୍ୟଦେବ ଉଙ୍କିମାରନ୍ତି । ଧୂସର ଆକାଶରେ ସୂର୍ଯ୍ୟାଲୋକ ପ୍ରତିଫଳନ ହୋଇ ସାତ ରଙ୍ଗର ଇନ୍ଦ୍ରଧନୁ ଦୃଶ୍ୟମାନ ହୁଏ । ପଲ୍ଲୀର ପିଲାମାନେ ଇନ୍ଦ୍ରଧନୁ ଦେଖି ଆନନ୍ଦ ଅନୁଭବ କରନ୍ତି । ପଲ୍ଲୀର କୃଷକ ଚାଳ ଘରେ ପରିବାର ସହ ରହିଥାଏ । ପ୍ରବଳ ବର୍ଷା ଓ ପବନରେ ଘରର ଚାଳ ଉଲୁରୀ ପଡି ଘର ଭିତରେ ବର୍ଷା ପାଣି ଲହଡି ମାରୁଥାଏ । କାନ୍ଥରୁ ପୁଳାକୁ ପୁଳା ମାଟି ଖସି ପଡିଥାଏ । କୃଷକ ଏଥିପାଇଁ ଚିନ୍ତିତ ନହୋଇ ଘରକୁ ଯଥା ସମ୍ଭବ ସଜାଡିବା ପାଇଁ ଲାଗିପଡେ । ଏହି ଋତୁରେ ପଲ୍ଲୀଭୂମି ହରିତ ଦୁର୍ବାଦଳ ମଣ୍ଡିତ ହୋଇ, ସବୁଜ ବସ୍ତ୍ର ପରିଧାନ



ବିଚିତ୍ରା ନନ୍ଦ ପ୍ରଧାନ

କଲାଭଳି ଦେଖାଯାଏ । ବୃକ୍ଷଲତା ଶ୍ୟାମଳ ପତ୍ର ସମ୍ଭାରରେ ଭୂଷିତ ହୋଇ ଅପୂର୍ବଶ୍ରୀ ଧାରଣ କରିଥାନ୍ତି । କଖାରୁ, ପାଣିକଖାରୁ ଓ ପୋଇ ଡଙ୍କ ଘରର ଚାଳ ଉପରକୁ ମାଡିଯାଏ । କିଆ, କେତକୀ, କଇଁ, ଯୁଇ, ଜାଇ, ମଲ୍ଲୀ, ମାଧବୀ, ମାଳତୀ, କଦମ୍ବ, ଚମ୍ପା, ଗୋଲାପ, ନିଆଳୀ ଓ ସେବତୀ ଆଦି ଫୁଲ ଫୁଟି ପଲ୍ଲୀ ଭୂମିକୁ ସୁଶୋଭିତ କରିଥାନ୍ତି । ବର୍ଷା ଋତୁରେ ରାସ୍ତାମାନ କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । ଛାତ୍ରଛାତ୍ରୀ ମାନେ ଏହି ଖସଡା ରାସ୍ତାରେ ସ୍କୁଲକୁ ପାଠ ପଢିବାକୁ ଯାଇଥାନ୍ତି । ବର୍ଷା ଜଳରେ ତିନ୍ତିବା, ଶିଶୁ ସୁଲଭ ମଧୁର କଣ୍ଠରେ ଗୀତ ଗାଇବା ଦୃଶ୍ୟ ବାସ୍ତବିକ ବର୍ଷା କାଳୀନ ପଲ୍ଲୀ ଜୀବନରେ ଆନନ୍ଦ ଆଣି ଦେଇଥାଏ । ସହରୀ ମଣିଷ ବର୍ଷା ଋତୁ ପ୍ରତି ଅତିଶୟ ବିରକ୍ତି ଭାବ ପ୍ରକାଶ କରନ୍ତି । କିନ୍ତୁ କୃଷିଜୀବୀ ଅଧ୍ୟୁଷିତ ପଲ୍ଲୀଭୂଖଣ୍ଡ ବର୍ଷାକୁ ସ୍ୱାଗତ କରେ । କୃଷି ହିଁ ଓଡିଶାର ପ୍ରାଣ । କୃଷିର ଉନ୍ନତି ବାଧାପ୍ରାପ୍ତ ହେଲେ ଓଡିଶା ଜାତିର ଅବନତି ଅବଶ୍ୟମ୍ଭାବୀ । ଓଡିଶାର ପଲ୍ଲୀଭୂଖଣ୍ଡ କେବଳ ଶୋଭା ସମ୍ପଦରେ ପରିପୂର୍ଣ୍ଣ ନୁହେଁ, ଏହା ମଧ୍ୟ ଧନ ସମ୍ପଦରେ ପରିପୂର୍ଣ୍ଣ । ପଲ୍ଲୀ ଜୀବନ ବାସ୍ତବରେ ସବୁଜ ଓ ସୁନ୍ଦର । ତେଣୁ କବି ଭାବୁକ ଓ ଲେଖକମାନେ ଉତ୍କଳୀୟ କୃଷକଙ୍କର ଜୟଗାନ କରନ୍ତି ।

*ଫ୍ଲାଟ ନଂ – ୩ଇ/୫୦୯, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ – ୯୯୩୭୨୨୪୦୮୫*




## ସିଏସପି ପ୍ଲସ ଯୋଜନାକୁ ବିରୋଧ କଲେ ସିଏସପି ପରିଚ଼ାଳକ, ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର ରିପୋର୍ଟ

ଚ଼ିଲିକା(ଖୋର୍ଦ୍ଧାରୁ ସଂଗ୍ରାମ ରଣା), (ପି.ଏନ): ସରକାରଙ୍କ ଦ୍ୱାରା ପ୍ରଦତ ଜନହିତ କାର୍ଯ୍ୟପାଇଁ ଆସୁଥିବା ଅର୍ଥ ରାଶି ଗ୍ରାମାଞ୍ଚଳରେ ସାଧାରଣ ଜନତା CSP ମାଧ୍ୟମରେ ପାଇଥାନ୍ତି। ଏଥି ଲାଗି ପ୍ରତ୍ୟେକ ପଞ୍ଚାୟତରେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ ) ଦ୍ୱାରା ନିଯୁକ୍ତ ହୋଇଥିବା ଗ୍ରାହକ ସେବା କେନ୍ଦ୍ର (ସିଏସପି) ଗୁଡିକ କାର୍ଯ୍ୟ କରୁଛନ୍ତି ।ତେବେ ବର୍ତ୍ତମାନ ରାଜ୍ୟ ସରକାର ପ୍ରତ୍ୟେକ୍ଷ ଭାବେ ପ୍ରତି ପଞ୍ଚାୟତରେ ସିଏସପି ପ୍ଲସ ଖୋଲିବା ପାଇଁ ସ୍ଥିର କରିଛନ୍ତି। ଯାହାକୁ ବିରୋଧ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓ ଚ଼ିଲିକା ବ୍ଲକର ସିଏସପି ପରିଚ଼ାଳକ ମାନେ। ଦୀର୍ଘ ୧୦ ବର୍ଷ ହେଲା ସେମାନେ ଉଭୟ ବ୍ଲକର ଜନସାଧାରଣଙ୍କୁ ନିଜ ଖର୍ଚ୍ଚରେ ସେବା ଯୋଗାଇଆସୁଥିବା ବେଳେ ଉକ୍ତ ନୂତନ ଯୋଜନାରେ ସେମାନଙ୍କୁ ସାମିଲ ନକରି ତରବରିଆ ଭାବେ ନୂତନ ସିଏସପି ପ୍ଲସ ଖୋଲିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ସିଏସପି ପରିଚ଼ାଳକ ମାନେ। ଅନୁରୂପ ଭାବେ ଏହା ଦ୍ୱାରା ସିଏସପି ମାନଙ୍କ ଉପରେ ଘୋର ଆଘାତ ସୃଷ୍ଟି କରିବ। ଏବଂ ସେମାନଙ୍କର ବୟସ ଅତିକ୍ରାନ୍ତ ହୋଇଯିବା ସହିତ ଏହାକୁ ମୁଖ୍ୟ ଜୀବିକା ଭାବରେ ଗ୍ରହଣ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବାଣପୁର ଓ ଚ଼ିଲିକା ବ୍ଲକର ଏସବିଆଇ ଦ୍ୱାରା ନିଯୁକ୍ତ ହୋଇଥିବା ସମସ୍ତ ସିଏସପି ର ପରିଚ଼ାଳକ ମାନେ ସେମାନଙ୍କୁ ନୂତନ ସିଏସପି ପ୍ଲସ ଯୋଜନାରେ ସାମିଲ କରିବା ଦାବି ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାଣପୁର ବିଡ଼ିଓ, ତହସିଲଦାର ଏବଂ ଚ଼ିଲିକା ବିଡ଼ିଓ ଓ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

## ଭୋଟ ବ୍ୟାଙ୍କ ଏବଂ ତୁଷ୍ଟିକରଣ ରାଜନୀତି ପାଇଁ ହିନ୍ଦୁ ଧର୍ମକୁ ନଷ୍ଟ କରିବାକୁ ଚାହୁଁଛନ୍ତି ଆଇଏନ୍‌ଡିଆଇ ମେଣ୍ଟ ନେତୃବୃନ୍ଦ

ଡୁଙ୍ଗରପୁର,(ପି.ଏନ): ରାଜସ୍ଥାନରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କରିବାକୁ ଭାରତୀୟ ଜନତା ପାର୍ଟି (ବିଜେପି) ଯଥାସାଧ୍ୟ ପ୍ରୟାସ କରୁଚି ଏବଂ ଏ କ୍ଷେତ୍ରରେ କୌଣସି ସୁଯୋଗ ହାତଛଡା କରୁନାହିଁ। ଆଧୁନିକ ରାଜନୀତିରେ ଚାଣକ୍ୟ ଭାବରେ ପରିଚିତ ବିଜେପି ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ରାଜସ୍ଥାନ ବିଧାନସଭା ନିର୍ବାଚନରେ ଦଳ ପାଇଁ ପ୍ରଚାର ଦାୟିତ୍ୱ ନେଇଛନ୍ତି। ରବିବାର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ ରାଜସ୍ଥାନର ଡୁଙ୍ଗରପୁରଠାରେ ବିଜେପିର ପରିବର୍ତ୍ତନ ସଂକଳ୍ପ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ଅମିତ ଶାହ କଂଗ୍ରେସ ପାର୍ଟିର ପୂର୍ବତନ ରାଷ୍ଟ୍ରୀୟ ସଭାପତି ତଥା ୱାୟନାଡର ସାଂସଦ ରାହୁଲ ଗାନ୍ଧୀଙ୍କୁ ହିନ୍ଦୁ ବିରୋଧୀ ବୋଲି କହି ଆକ୍ଷେପ କରିଥିଲେ। ଶ୍ରୀ ଅମିତ ଶାହ କହିଥିଲେ ଯେ, ରାହୁଲ ଗାନ୍ଧୀ ହିନ୍ଦୁ ସଂଗଠନସମୂହକୁ ଲସ୍କର-ଇ-ତଇବା ଠାରୁ ଅଧିକ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। 'ରାହୁଲ ବାବା, ଆପଣ ହିନ୍ଦୁ ସଂଗଠନଗୁଡିକୁ ଲସ୍କର-ଇ-ତଇବା ସହିତ ତୁଳନା କରୁଛନ୍ତି, ସେହି ସମୟରେ ଆପଣଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀ



ବରାବର କହୁଥିଲେ ଯେ ହିନ୍ଦୁ ଆତଙ୍କବାଦ ଘଟଣା ଘଟୁଛି,' ବୋଲି ଶ୍ରୀ ଶାହ ଉଲ୍ଲେଖ କରିଥିଲେ। ସମାବେଶକୁ ଉଦ୍‌ବୋଧନ ଦେଇ ଶ୍ରୀ ଅମିତ ଶାହ କହିଥିଲେ, 'ବିଗତ ଦୁଇଦିନ ଧରି ଆଇଏନ୍‌ଡିଆଇ ମେଣ୍ଟ ଦେଶର ସଂସ୍କୃତି ଏବଂ ସନାତନ ଧର୍ମକୁ ଅପମାନିତ କରିଆସୁଛି। ଆଇଏନ୍‌ଡିଆଇ ମେଣ୍ଟର ଦୁଇ ମୁଖ୍ୟ ଦଳ କଂଗ୍ରେସ ଏବଂ ଡିଏମ୍‌କେ (ଗୋଟିଏ ଜଣେ ଅର୍ଥମନ୍ତ୍ରୀଙ୍କ ପୁତ୍ର ଏବଂ ଅନ୍ୟଜଣଙ୍କ ଜଣେ ମୁଖ୍ୟମନ୍ତ୍ରୀଙ୍କ ପୁତ୍ର) ସନାତନ ଧର୍ମ ଉଚ୍ଛେଦ ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ଏବଂ ତୁଷ୍ଟିକରଣ ପ୍ରୟାସରେ ଏହି ବ୍ୟକ୍ତିବିଶେଷ 'ସନାତନ ଧର୍ମ'କୁ ଅପମାନିତ କରୁଛନ୍ତି।' ଶ୍ରୀ ଅମିତ ଶାହ ଗେହଲୋତ ସରକାରଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଥିଲେ ଯେ, ରାଜସ୍ଥାନରେ ଅଶୋକ ଗେହଲୋତଙ୍କ ନେତୃତ୍ୱ ଅଧୀନରେ ହିନ୍ଦୁ ପର୍ବପର୍ବାଣୀକୁ ନିଷିଦ୍ଧ କରାଯାଇଛି, ଏକ ଶିବ ମନ୍ଦିର ଭାଙ୍ଗିଦିଆଯାଇଛି ଏବଂ ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନାକୁ ଉସୁକାଯାଉଛି। ବିରୋଧୀ ମେଣ୍ଟକୁ ଲକ୍ଷ୍ୟ କରି ଶ୍ରୀ ଅମିତ ଶାହ କହିଥିଲେ, 'ଏହି 'ଗର୍ବୀ ମେଣ୍ଟ' ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଯାହା କିଛି କରିପାରନ୍ତି। ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥଳରେ ବିଶାଳ ରାମ ମନ୍ଦିର ଜାନୁଆରୀରେ ପ୍ରସ୍ତୁତ ହୋଇଯିବ। ବିରୋଧୀ ମେଣ୍ଟ ଏହାକୁ ଅଟକାଇ ପାରିବେନାହିଁ। କଂଗ୍ରେସ ଏହାକୁ ବର୍ଷ ବର୍ଷ ଧରି ଅଟକାଇ ରଖିଥିଲା। ସେମାନେ କହୁଛନ୍ତି ଯେ ମୋଦୀ ଯଦି ବିଜୟ ହାସଲ କରନ୍ତି, ସନାତନ ରାଜ୍ ଆସିବ। ସନାତନ ଲୋକଙ୍କ ହୃଦୟରେ ବିରାଜମାନ କରୁଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଭାରତ ସମ୍ବିଧାନ ଦ୍ୱାରା ପରିଚାଳିତ ହେବ।'

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତି ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତ୍ତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଯୋଗାଣ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ ।ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ।ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସ୍ୱୟଂସମ୍ପୂର୍ଣ୍ଣ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୟଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାଡର ପୁନର୍ବିନ୍ୟାସ ଦାବିରେ ସମୂହ ଛୁଟି ନେଇ ଧାରଣା

ଜୟପୁର, (ପି.ଏନ): ଜୟପୁର ସ୍ଥିତ ମୁଖ୍ୟ ଜିଲା କୃଷି ଅଧିକାରିଙ୍କ କାର୍ଯ୍ୟାଳୟରେ ମୃତିକା ସଂରକ୍ଷଣ ଅଧିକାରି, କୃଷି ଅଧିକାରି, ଉଦ୍ୟାନ କୃଷି ଅଧିକାରିଙ୍କ ତରଫରୁ ସମୂହ ଛୁଟି ନେଇ ଦ୍ୱିତିୟ ଦିନରେ ଧାରଣାରେ ବସିଛନ୍ତି । କ୍ୟାଡର ପୁନର୍ବିନ୍ୟାସରେ ବିଳମ୍ବ ହେଉଥିବା ନେଇ କୋରାପୁଟ ଜିଲା ୟୁନିଟ ତରଫରୁ ଏପରି ଧାରଣା ଦିଆଯାଇଛି । ଓଡିଶା କୃଷି ସେବା ସଂଘ କୋରାପୁଟ ଜିଲା ୟୁନିଟ ତରଫରୁ ଏପରି ଧାରଣା ଦିଆଯାଇଛି । ସଂଘ ତରଫରୁ ଅଭିଯୋଗ କରାଯାଇଛି ଯେ, ତିନି ଦଶନ୍ଧି ଧରି ୩୯ଟି ଯୋଜନା ହୋଇଛି । ସ୍ୱତନ୍ତ୍ର କୃଷି ବଜେଟର କାୟାକଳ୍ପ ୬ ଶହ କୋଟିରୁ ୬ ହଜାର କୋଟି ବୃଦ୍ଧି ପାଇଛି । କିନ୍ତୁ, ତଦନରୁପ ଭାବେ ଅଧିକାରିଙ୍କ ସଂଖ୍ୟାରେ କୌଣସି ପରିବର୍ତନ ହୋଇନାହିଁ । କ୍ୟାଡରରେ ଦୁଇ ଦଶନ୍ଧି ପରେ ୨୦୧୩ ପର ଠାରୁ ନିଯୁକ୍ତି ଦିଆ ହୋଇ ଆସିଛି । ତା ପରଠାରୁ ଅଧିକାରି ମାନେ ନିଜ ଉନ୍ନତ ଜ୍ଞାନ କୌଶଳ ଓ କଠିନ ପରିଶ୍ରମ ବଳରେ କୃଷି କର୍ମଣ, ସ୍କଚ୍, ଆଦି ଅନେକ ସମ୍ମାନ ରାଜ୍ୟ ପାଇଁ ଆଣ ଏମିତିକି କେତେ ଗୁଡିଏ କର୍ତବ୍ୟ ପାଳନ ବେଳେ ଯେପରି କୀଟନାଶକ, ବିହନ, ସାର, ଆଦିର କଳାବଜାରି ରୋକିବା ସମୟରେ ଜୀବନ ଉପରେ ବିପଦ ଥିବା ସତ୍ୱେ ସଦା ଜାଗ୍ରତ ରହି କୃଷକ ସମାଜର ମଙ୍ଗଳ ନିମିତ୍ତ କାର୍ଯ୍ୟ କରୁଛୁ । ତେଣୁ ରାଜ୍ୟ ସରକାର ଦାବି ପୂରଣ ନକିରବା ଯାଏ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନେଇଥିବା ସଂଘ ତରଫରୁ ସୂଚନା ଦିଆଯାଇଛି ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଧାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାଯ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ଥରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକେ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ



**ଗୋ**ସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'।



ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାସୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷେତରମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ୱର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

**ତ୍ରିନାଥ ଓଝା,** ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧ୍ୟକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ଛନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ। ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ। ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ। ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା। ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ। ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ। ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ। ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା। ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ। ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ। ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା। ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ। ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ। ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଦୁଇ ଦିନିଆ ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

କୋରାପୁଟ,(ପି.ଏନ):କୋରାପୁଟସ୍ଥିତ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ସଂସାଧନ ସଭ୍ୟ ଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତି ସୁଧା ଜେନା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମର ନୋଡାଲ ଅଫିସର ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବାଲାଜୀ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକମାନଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରାଇବା ଏହାର ମୂଳ ଲକ୍ଷ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଗାଁ ଗହଳିରହି ଯାଉଥିବା ଲୁକାୟିତ୍ୱ ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନକୁ ଗାଁ ଗାଁ ତ୍ୱରାନ୍ୱିତ କରିବା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡିଶା ନବୀନ ଓଡିଶା,୫ ଟି ହାଇସ୍କୁଲ ରୂପାନ୍ତରିକରଣ ସଚେତନତା ବାର୍ତ୍ତା କିପରି ଗାଁ ଗାଁ ରେ ପହଞ୍ଚିବ ସେ ନେଇ ବ୍ଲକ ସ୍ତରୀୟ କଳାକାର ମାନଙ୍କୁ ଦୁଇ ଦିନିଆ ତାଲିମ ପ୍ରଦାନ କରାଯିବ। ଦୁଇ ଦିନିଆ ତାଲିମ ସରିବା ପରେ କଳାକାର ମାନେ ନିଜ ବ୍ଲକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକମାନଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରାଇବା ଲକ୍ଷ ରଖାଯାଇଛି ବୋଲି ୟୁଏନଏନ ପକ୍ଷରୁ କୁହାଯାଇଛି।






## ପ୍ରଧାନ ଶିକ୍ଷକଙ୍କ ଢିଲା ମନ ବୃତ୍ତି ଓ ସ୍କୁଲକୁ ନିୟମିତ ନ ଆସିବା ଯୋଗୁଁ ସ୍କୁଲ ପିଲାଙ୍କ ଦ୍ୱାରା ଲହୁଲୁହାଣ ହେଲେ ଦଶମ ଶ୍ରେଣୀ ଛାତ୍ର

ଫୁଲବାଣୀ,(ପି.ଏନ) : କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡ଼ା ଗ୍ରାମର ଶ୍ରୀଦେବୀ ଉଚ୍ଚବିଦ୍ୟାଳୟ ବିଶିପଡ଼ା ସ୍କୁଲରେ ଚାଲିଥିବା କୌଣସି ଏକ ପରୀକ୍ଷାର ପ୍ରଶ୍ନପତ୍ର ଦିଆନିଆକୁ କେନ୍ଦ୍ର କରି ଗୋଟିଏ ୧୦ମ ଶ୍ରେଣୀ ଛାତ୍ରକୁ ଅନ୍ୟ ୫ ଜଣ ଛାତ୍ର ସଂଘବଦ୍ଧ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିବା ଦେଖିବାକୁ ମିଳିଛି । ଛାତ୍ର ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବିଶିପଡ଼ା ଗ୍ରାମରେ,ଶ୍ରୀଦେବୀ ହାଇସ୍କୁଲର ୧୦ମ ଶ୍ରେଣୀରେ ପଢୁଥିବା ହରିଶ୍ଚନ୍ଦ୍ର ବେହେରାକୁ ଖେଳପଡିଆରେ ଅନ୍ୟ ଛାତ୍ର ମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ଛାତ୍ରଟି ଗୁରୁତର ଭାବେ ଆହତ ହୋଇ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି ତାର ଛାତି, ପେଟ ଏବଂ ଶରୀରର ଅନ୍ୟାନ୍ୟ ଜାଗାରେ ମାଡ଼ ହୋଇଛି । ଯାହା ସୂଚନା ରହିଚି ଗତ ଶୁକ୍ରବାର ଦିନ ୩ ଟା ସମୟରେ ବିଶିପଡ଼ାସ୍ଥ ଶ୍ରୀଦେବୀ ହାଇସ୍କୁଲ୍ ରେ କିଛି ଛାତ୍ର ହରିଶଚନ୍ଦ୍ର ୧୦ ମ ଶ୍ରେଣି ଛାତ୍ରକୁ ଫୁଟବଲ୍ ଖେଳିବାକୁ ଡାକି ନେଇ ଅତର୍କିତ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ପିଲାଟି ଗୁରୁତର ହେବାରୁ ସ୍କୁଲର ଶିକ୍ଷକମାନେ ଫୁଲବାଣୀ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ କ୍ଷ ଆକ୍ରମଣ କରିଥିବା ଛାତ୍ର ମାନେ ନିଶା ଗ୍ରସ୍ତ ଅବସ୍ଥାରେ ଥିବା ସହ ମାରଣା ଅସ୍ତ୍ର ଛୁରୀ ଭୁଜାଲି ଏବଂ ଗଞ୍ଜେଇ ସହ ଚିଲମ ଧରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ଏବଂ ଛାତ୍ର ହରିଶ୍ଚନ୍ଦ୍ର ବେହେରା ଏହି ଘଟଣା ଦିନ ସ୍କୁଲ୍ ପ୍ରଧାନ ଶିକ୍ଷକ ସ୍କୁଲରେ ନଥିବା ସହ ପିଲାମାନଙ୍କୁ ଏପରି କାମରେ ଲିପ୍ତ ରହିବା ପାଇଁ ପ୍ରୋତ୍ସାହନ ଦେଉଥିବାର କହିଛନ୍ତି ଛାତ୍ର । ଆହତ ଛାତ୍ରର ଡାକ୍ତର ମାନେ ଚିକିତ୍ସା ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ଆହତ ଛାତ୍ରର ବାପା ମୁକୁନ୍ଦ ବେହେରା ସଦର ଥାନାରେ ଏତଲା ଦେଇଛନ୍ତି । ଏତଲା ଆଧାରରେ ସଦର ଥାନା ପୋଲିସ ୫ ଜଣ ଛାତ୍ରଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

## ନିର୍ଦ୍ଦୋଶରେ ଖଲାସ ହେଲେ ପୂର୍ବତନ ସରପଂଚ

ଦର୍ପଣ,(ପି.ଏନ): ଗତ ୫-୫-୨୦୧୨ ରେ ଏକ ଘରପୋଡି ମାମଲାକୁ ବିଚାର କରି ଚଣ୍ଡିଖୋଲ ସହକାରୀ ଦୌରାଜଜ୍ ପୂର୍ବତନ ସରପଂଚଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଘଟଣାରୁ ପ୍ରକାଶ ୨୦୧୨ ମସିହାରେ ଏକ ଘରପୋଡି ଘଟଣାକୁ ନେଇ ଅଭିଯୋଗକାରୀ ଅଣକା ଗ୍ରାମର କୁଞ୍ଜ ବିହାରୀ ଜେନା ତତକାଳୀନ ସରପଂଚ ଯତୀନ୍ଦ୍ର ଜେନାଙ୍କ ନାମରେ ଏକ ଘରପୋଡି ଘଟଣାରେ ସଂପୃକ୍ତ ଥିବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ । ବାଲିଚନ୍ଦ୍ରପୁର ଥାନା କେସ ନଂ ୮୯/୨୦୧୨ ଦଫା ୪୩୬ରେ କେସ ରୁଜୁ କରିଥିଲେ । କେସ୍‌ଟି ଚଣ୍ଡିଖୋଲ କୋର୍ଟକୁ ଆସିଲା ପରେ ମାନ୍ୟବର କୋର୍ଟ ଜି.ଆର୍ କେସ୍ ନଂ ୪୧୩/୨୦୧୨ ପରେ ସିଟି କେସ୍ ନଂ ୫୯୬/୨୦୧୩ କେସ୍ ରୁଜୁ ହୋଇଥିଲା । ମାନ୍ୟବର କୋର୍ଟ ୧୪ଜଣଙ୍କ ସାକ୍ଷୀ ଗ୍ରହଣ କଲାପରେ ତତକାଳୀନ ସରରପଂଚ ଯତୀନ୍ଦ୍ର ଜେନାଙ୍କୁ ମାନ୍ୟବର ସହକାରୀ ଦୌରାଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ ଉପଯୁକ୍ତ ପ୍ରମାଣ ଓ ସାକ୍ଷୀମାନଙ୍କ ବୟାନକୁ ନେଇ ଶ୍ରୀ ଜେନାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଏହି କେସ୍‌ଟିକୁ ସରକାରୀ ଓକିଲ ଦେବରାଜ ବେହେରା ଓ ମୁଦାଲା ତରଫରୁ ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି ପରିଚାଳନା କରିଥିଲେ।

## କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଇ କଂଗ୍ରେସରେ ଯୋଗ ଦେଲେ ପ୍ରବୋଧ ତ୍ରିର୍କି ଓ ପ୍ରଶାନ୍ତ ଚମ୍ପତି



ଭୁବନେଶ୍ୱର, (ପି.ଏନ): କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଶିଷ୍ଟ କ୍ରୀଡ଼ାବିତ ତଥା ଆନ୍ତର୍ଜାତିକ ହକି ଖେଳାଳି ଶ୍ରୀ ପ୍ରବୋଧ ତିର୍କି ଏବଂ ଭୁବନେଶ୍ୱରର ଜିଲ୍ଲା ବିଜେଡ଼ିର ସାଧାରଣ ସଂପାଦକ ଶ୍ରୀ ପ୍ରଶାନ୍ତ କୁମାର ଚମ୍ପତି ନିଜର ଶତାଧିକ ସମର୍ଥକଙ୍କ ସହ ଆଜି କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ କଂଗ୍ରେସ ପ୍ରଭାରୀ, ସାଂସଦ ଡଃ.ଏ ଚେଲ୍ଲା କୁମାର ସସସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ଦଳରେ ଗ୍ରହଣ କରିନେଇଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ, ବିଜେଡ଼ି ସରକାର ପ୍ରତିଶ୍ରୁତି ଦେବାରେ ଓସ୍ତାଦ । ଓଡ଼ିଶାର ଜନସାଧାରଣ ବିଜେପି ଓ ବିଜେଡ଼ି ସରକାରଙ୍କର ଜନମାରଣ ନୀତି ଓ ଚଂଚକତାପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ ରୂପେ ବୁଝିସାରିଲାଣି । ୨୩ ବର୍ଷର ବିଜେଡ଼ି ସରକାର ଓଡ଼ିଶାକୁ ସବୁ କ୍ଷେତ୍ରରେ ପଛକୁ ଠେଲିଦେଇଛି । କଂଗ୍ରେସ ଏକମାତ୍ର ଦଳ ଯିଏ ସାଧାରଣ ଜନତାର ଦୁଃଖ ବୁଝିଛି । ଆଜି ସେଥିପାଇଁ କଂଗ୍ରେସ ଦଳ ପ୍ରତି ଆକୃଷ୍ଟ ହୋଇ ଶ୍ରୀମତୀ ସୋନିଆ ଗାନ୍ଧୀ, କଂଗ୍ରେସ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ହାତମୁଠାକୁ ଟାଣ କରିବାପାଇଁ ନେତୃବୃନ୍ଦ ଓ ବ୍ୟକ୍ତିବିଶେଷ କଂଗ୍ରେସ ଦଳରେ ଯୋଗଦାନ କରୁଛନ୍ତି । ନିଜ ପ୍ରତିକ୍ରିୟାରେ ଶ୍ରୀ ତିର୍କି ଓ ଶ୍ରୀ ଚମ୍ପତି କହିଲେ ଯେ କଂଗ୍ରେସ ଦଳ ପ୍ରତି ଆମର ନିଷ୍ଠା ଓ ଭଲ ପାଇବା ରହିଛି । କଂଗ୍ରେସ କେବଳ ରାଷ୍ଟ୍ର ଗଠନ କରେ । ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବାପାଇଁ ଆମ୍ଭେମାନେ ନିଷ୍ଠାର ସହ କାର୍ଯ୍ୟକରିବୁ । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଶ୍ରୀ ବିଜୟ ପଟ୍ଟନାୟକ, ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ, ଜାନକୀବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ପ୍ରଦୀପ ମହାପାତ୍ର, ପୁଷ୍ପିତା ଦାସ, ଜୟଶ୍ରୀ ପାତ୍ର, କୁସୁମ ପ୍ରଧାନ, ମିହିର ଆଚାର୍ଯ୍ୟ, ପ୍ରସନ୍ନ ନାୟକ, ଜୟକୃଷ୍ଣ ସୁବୁଧି, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲା ଆଦିବାସୀ କର୍ମଚାରୀ ସଂଘ ପୁନଃଗଠନ



ମାଲକାନଗିରି,(ପି.ଏନ): ଦୀର୍ଘ ତିନି ବର୍ଷ ପରେ ଜିଲ୍ଲା ଆଦିବାସୀ କର୍ମଚାରୀ ସଂଘ, ମାଲକାନଗିରିର ପୁନଃଗଠନ କରାଯାଇଛି । ସ୍ଥାନୀୟ ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥା, ମାଲକାନଗିରିର ସମ୍ମିଳନୀ କକ୍ଷଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ପଦାଧିକାରୀଗଣ ଉପସ୍ଥିତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ )ବେଦବର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତ୍ରିନାଥ ମାଝୀ,ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ବିଭାଗ ଅଧିକାରୀ ଧ୍ରୁବ ଚରଣ ମୁଦୁଲି, ତହସିଲଦାର ଚନ୍ଦନ କୁମାର ଭୋଇ, ଖଣି ବିଭାଗ ଅଧିକାରୀ ସତ୍ୟେନ୍ଦ୍ର ସର୍ଦ୍ଦାର,ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀ ମାଲକାନଗିରି, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ସମେତ ମାଲକାନଗିରି ଜିଲ୍ଲାର ସମସ୍ତ ସାତଗୋଟି ବ୍ଲକରୁ ପ୍ରତ୍ୟେକ ବିଭାଗରେ କାର୍ଯ୍ୟରତ ଶତାଧିକ ଆଦିବାସୀ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏଥି ନିମନ୍ତେ ସାତଗୋଟି ବ୍ଲକର ସଭାପତି ଭାବେ ଭଗବାନ ଶିଶା ( ଖଇରପୁଟ),ବୃନ୍ଦାବନ ମାଝୀ ( ମାଥିଲି), ଗଙ୍ଗାଧର ଖରା (ଚିତ୍ରକୋଣ୍ଡା), ଅର୍ଜ୍ଜୁନ ପଡିଆମି ( ମାଲକାନଗିରି), ବୁଦୁ ବଡନାୟକ ( କାଲିମେଳା), ମଧୁସୂଦନ ମାଡକାମି ( କୋରୁକୋଣ୍ଡା), ଈଶ୍ୱର ଚନ୍ଦ୍ର ସାଓ୍ୱଲାମ ( ପଡିଆ) ବ୍ଲକ ଓ ଅନ୍ୟାନ୍ୟ ସକ୍ରିୟ କର୍ମଚାରୀଙ୍କ ବଳିଷ୍ଠ ପ୍ରଚେଷ୍ଟାରେ ଏକ ସୁଦୃ? କମିଟି ଗଠିତ ହୋଇଛି । ଏହି କମିଟିରେ ସାତଗୋଟି ବ୍ଲକରୁ ତେରଗୋଟି ଆଦିବାସୀ ସଂପ୍ରଦାୟରୁ ସକ୍ରିୟ କର୍ମଚାରୀଙ୍କୁ ଚୟନ କରାଯାଇ ଜିଲ୍ଲା କମିଟିରେ ସ୍ଥାନିତ କରାଯାଇଛି । ଉକ୍ତ କମିଟିରେ ସର୍ବମୋଟ ୨୧ ଜଣ ସଦସ୍ୟଙ୍କ ମଧ୍ୟରୁ ଆନନ୍ଦ ମାଡିଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଚୟନ କରାଯାଇଛି । ଏହା ଛଡ଼ା କେତକୀ ନାୟକ ( ଉପ ସଭାନେତ୍ରୀ), କୋମଳ ଲୋଚନ ବାକା ( ଉପସଭାପତି), ଅଭିମନ୍ୟୁ ହଲବା ( ସାଧାରଣ ସମ୍ପାଦକ), ବାଲାଜୀ ଖରା( ସହ ସମ୍ପାଦକ), ଈଶ୍ୱର ଚନ୍ଦ୍ର ନାୟକ ( ସାଂଗଠନିକ ସମ୍ପାଦକ), ରଘୁନାଥ ନାୟକ ( ସାଂଗଠନିକ ସହ ସମ୍ପାଦକ), ଘନଶ୍ୟାମ ଗାଡାଙ୍ଗ ( କୋଷାଧକ୍ଷ) ଏବଂ କାର୍ଯ୍ୟକାରୀଣି ସଦସ୍ୟ / ସଦସ୍ୟା ଭାବେ ମୁନି କବାସୀ, ସରସ୍ୱତୀ ପୂଜାରୀ, ବିକ୍ରି ଆଜମିରା, ରାମଚନ୍ଦ୍ର ଦୁରୁଆ, ସନାତନ ସମରଥ, ପାଉଲ୍ ମାର୍ଡି, ଅନନ୍ତ ଖିଲ, ଲକ୍ଷ୍ମଣ ଖରା, ରବି ଗୋଲପେଦା, ଦୁର୍ଯ୍ୟୋଧନ ମାନ୍ଦ୍ରା, ମନୋଜ କୁମାର ତାଙ୍ଗୁଲ,ରମେଶ ଚନ୍ଦ୍ର ମାଡି ଏବଂ ଉପଦେଷ୍ଟା ଭାବେ କାନ୍ଦ୍ରା ହାଁସଦା,ଜଗଦୀଶ କାର୍ତ୍ତାମି, ମାଡା ମାଡକାମି, ନରସିଂହ ନାୟକଙ୍କୁ ଚୟନ କରାଯାଇଛି ।ପୁନଃଗଠିତ ସମସ୍ତ କର୍ମକର୍ତ୍ତାଙ୍କୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠା ଓ ମର୍ଯ୍ୟାଦାର ସହ ସୂଚାରୁ ରୂପେ ତୁଲାଇବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମାତୃଶକ୍ତି, ପିତୃଶକ୍ତି ଓ ପ୍ରକୃତି ଶକ୍ତିଙ୍କୁ ସାକ୍ଷୀ ରଖି ଶପଥ ଗ୍ରହଣ କରାଇଥିଲେ ।ଏହି ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଉପସ୍ଥିତ ଅତିଥିମାନେ ଅନେକ ମହତ୍ତ୍ୱପୂର୍ଣ୍ଣ ଦିଗଦର୍ଶନ ପ୍ରଦାନ କରିଥିଲେ । ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ରହି ସଂଗଠନକୁ ସୁଦୃଢ଼ କରିବା ସହିତ ସମାଜର ଅନ୍ୟାନ୍ୟ ଅନେକ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ, ଶିକ୍ଷା, ସ୍ୱାସ୍ଥ୍ୟ ସହିତ ନିଜ ଆଦିବାସୀ ଭାଷା, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କରିବା ସହ ସୁରକ୍ଷା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରାଯିବ, ବିଶେଷ କରି ଶିକ୍ଷା କ୍ଷେତ୍ରରେ ଯେଉଁ ଗରିବ ଛାତ୍ରଛାତ୍ରୀମାନେ ଅର୍ଥାଭାବରୁ ଉଚ୍ଚ ଶିକ୍ଷା ପାଇବାରେ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ପ୍ରଥମ ପ୍ରାଧାନ୍ୟ ଦିଆଯିବ, ଜିଲ୍ଲାର ପ୍ରତ୍ୟେକ ବିଭାଗରେ କାର୍ଯ୍ୟରତ ତଳ ସ୍ତରରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ଯଦି କୌଣସି କର୍ମଚାରୀ କୌଣସି ବିଶେଷ ଅସୁବିଧାର ସମ୍ମୁଖୀନ ହୁଏ, ତେବେ ସଂଗଠନ ତରଫରୁ ତୁରନ୍ତ ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଛି ।କାର୍ଯ୍ୟକ୍ରମକୁ ସଫଳ ରୂପାୟନ ନିମନ୍ତେ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ସୁପରିଚାଳନା କରିଥିଲେ ।

## ତାମିପଦର ଲତାକୁମାରି ବୃଦ୍ଧା ସେବାଶ୍ରମରେ ମାସିକ ବୈଠକ



ଖପ୍ରାଖୋଲ,(ଭୋଜରାଜ ବରିହା), (ପି.ଏନ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍ ତାମ୍ବିପଦର୍ ରେ ଲତା କୁମାରୀ ବୃଦ୍ଧା ସେବାଶ୍ରମ୍‌ର ମାସିକ ବୈଠକ କାର୍ଯ୍ୟକ୍ରମ ସରିଯାଇଛି ।ଏହି ମାସିକ ବୈଠକ ରେ ବୃଦ୍ଧାଶ୍ରମ୍ ର ସଭାପତି ଟେକେନ୍ଦ୍ର ଜାଲ୍‌ଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି ବୈଠକ ରେ ସମସ୍ତ କାର୍ଯ୍ୟକର୍ତ୍ତା ଙ୍କ ସହମତି ରେ ବୋର୍ଡ଼ ପରିଚାଳନା କମିଟିରେ ୧୫ ଜଣ ତଥା ଲକ୍ଷ୍ମୀ ଶବର,ସେବିକା ରାଜହଂସ, ଚନ୍ଦ୍ରକାନ୍ତି ସେଟ୍,ଆଲତି ନାଏକ୍, ଆନନ୍ଦିନି ସୁନା,ସତ୍ୟଭାମା ମାଝୀ, ଟେକେନ୍ଦ୍ର ଜାଲ୍,ସୁଖିରାମ୍ ଷାଣ୍ଡ,ବ୍ରହ୍ମା ସାହୁ,ଗୋପାଲ୍ ପାତ୍ର,କୁଳମଣି ମେହେର୍,କୁଳଧର୍ ପୁଟେଲ୍,ପୁରନ୍ ସାହୁ,କୁସଧ୍ୱଜ୍ ମାଝୀ ଏବଂ ବିଜୟ ମାଝୀ ସହ ଉପଦେଷ୍ଟା ତଥା ଡଃ ଏ.କେ ମାଝୀ,ଥବିର ଚରଣ ମେହେର୍, ଗୌରଚରଣ୍ ବାଗ୍,ଦେବକାନ୍ତ ପାଣିଗ୍ରାହୀ,ଥବିର ପଣ୍ଡା,ରୀନା ଜାଲ୍,ଗ୍ୟାନ୍ ସିଂ ଭୋଇ ଙ୍କୁ ମନୋନୀତ କରାଗଲା । ସେବାଶ୍ରମ୍ ର ସଭାପତି ଟେକେନ୍ଦ୍ର ଜାଲ୍,ଉପ ସଭାପତି ସୁଖୀରାମ୍ ଷାଣ୍ଡ,କୋଷାଧ୍ୟକ୍ଷ ପିତାମ୍ବର ମେହେର୍,ସମ୍ପାଦକ କୁଷଧ୍ୱଜ ମାଝୀ ଏବଂ ସହ ସମ୍ପାଦିକା ସେବିକା ରାଜହଂସଙ୍କୁ ମନୋନିତ କରାଗଲା ।ବୈଠକ ରେ ସମସ୍ତେ କେମିତି ବୃଦ୍ଧା ସେବା ଶ୍ରମ୍ କୁ ଆଗକୁ ନିଆଯିବ ସେ ବିଷୟ ରେ ସମସ୍ତ କର୍ମ କର୍ତ୍ତା ନିଜର ଉପସ୍ଥାପନା କହିଥିଲେ ଏବଂ ଶେଷ ରେ ସଭାପତି ଟେକେନ୍ଦ୍ର ଜାଲ୍ ଧନ୍ୟବାଦ୍ ଅର୍ପଣ କରି ବୈଠକ କୁ ସମାପ୍ତ କରିଥିଲେ ।

MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Tuesday September 5, 2023 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ସିନିଅର ରାଜ୍ୟ ହକି ପ୍ରତିଯୋଗୀତା ପାଇଁ ପି.ପି.ଏଲ ଡି.ଏ.ଭି ସ୍କୁଲ ହକି ଗ୍ରାସ ରୁଟ କେନ୍ଦ୍ରର ୧୮ ଖେଳାଳି ମନୋନୀତ



ପାରାଦୀପ,(ପି.ଏନ): ଆସନ୍ତା ୪ ତାରିଖ ରୁ ୯ତାରିଖ ପର୍ଯ୍ୟନ୍ତ ହକି ଆସୋସିଏସନ୍ ଓଡିଶା ଦ୍ୱାରା ସିନିଅର ରାଜ୍ୟ ହକି ପ୍ରତିଯୋଗୀତା ର ଆୟୋଜନ ଭୁବନେଶ୍ୱର ର କଳିଙ୍ଗ ଷ୍ଟାଡିୟମ୍ ପରିସରରେ କରାଯାଇଛି । ଏହି ପ୍ରତିଯୋଗୀତାରେ ଜଗତସିଂପୁର ସିନିଅର ପୁରୁଷ ଦଳ ପାଇଁ ପିପିଏଲ ଡି.ଏ.ଭି ସ୍କୁଲ୍ ହକି ଗ୍ରାସ ରୁଟ କେନ୍ଦ୍ରର ୧୮ ଜଣ ଛାତ୍ର ଆୟୁଷ୍ମାନ ବେହେରା (ଅଧିନାୟକ), ସମ୍ବିତ୍ ସାମଲ, ମେହୁଲ ଜେନା, ସତ୍ୟ ସୁବ୍ରତ ଜେନା, ଗୌତମ ନାୟକ,ନିଖିଲ ରାଉତ, ସମ୍ବିତ ବିଶ୍ୱମୋହନ, ସୁମିତ୍ ଲାକ୍ରା, ଆୟୁଷ କୁମାର,ବିନୟ ଖିଲାର, ଆୟୁଷ ୱାଟସ, ଅଙ୍କିତ କୁମାର ବେହେରା, ଅମରଜିତ୍ ସାହୁ, ଶୁଭମ୍ ସୁତାର, ବିଘ୍ନରାଜ ପାଣିଗ୍ରାହୀ, ସ୍ନେହାସିଶ ଦାସ , ଅରୁଣ କୁମାର ମହାନ୍ତି, ଦେବାଂଶୁ ଧଳ ପ୍ରମୁଖ ମନୋନୀତ ହୋଇଥିବାବେଳେ, ଶାଶ୍ୱତ କୁମାର ଭାରତୀୟ କୋଚ୍ ଭାବରେ ସ୍ଥାନ ପାଇଛନ୍ତି । ଏହି ମନୋନୀତ ଖେଳାଳୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟୱରି ଶୁଭେଚ୍ଛା ଜଣାଇଥିବା ବେଳେ ପି.ପି.ଏଲ ସାର କାରଖାନାର ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ଜିଲ୍ଲା କ୍ରୀଡ଼ା ଅଧିକାରୀଣୀ ବିଶ୍ୱ ବିଜୟିନୀ ନାୟକ, ସ୍କୁଲ ର ଅଧକ୍ଷ ସଞ୍ଜୀବ କୁମାର ସାହୁ,ପି.ପି.ଏଲ ଅଧିକାରୀ ସଞ୍ଜୟ କେତନ ସେଠୀ, ଗୌତମ ସ୍ୱାଇଁ ,ଦେବୀ ପ୍ରସାଦ ମହାନ୍ତି , ନୃସିଂହ ଚ଼ରଣ ରାଉତ,ତାପସ ବାରିକ ଓ ବିଦ୍ୟାଳୟର ସଂଯୋଜକ ବୃନ୍ଦାବନ ରାଉତ ପ୍ରମୁଖ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଛନ୍ତି କ୍ଷ ଖେଳାଳୀ ମାନଙ୍କୁ କ୍ରୀଡ଼ା ଉପକରଣ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇଥିବାରୁ ବିଦ୍ୟାଳୟର ଅଧକ୍ଷ ଶ୍ରୀ ସାହୁ ପିପିଏଲ କର୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଡ୍ରାଇଭର ଦିବସ ଉପଲକ୍ଷେ ବିଶାଳ ଶୋଭାଯାତ୍ରା

ଜୟପୁର, (ପି.ଏନ): ଡ୍ରାଇଭର ଦିବସ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି । ଓଡିଶା ଡ୍ରାଇଭର ମହାସଂଘର ଜୟପୁର ୟୁନିଟ ତରଫରୁ ଏହି ଶୋଭାଯାତ୍ରା ବାହାରିଥିଲା । ଜୟପୁର ରଜାନହର ଛକ ଠାରୁ ଏହି ଶୋଭାଯତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଟ୍ରାଫିକ ଛକରେ ଶେଷ ହୋଇଥିଲା । ଲୋକଙ୍କୁ ସଚେତନ କରାଯାଇଥିଲା ।ଜୟପୁର ସଭାପତି ଧନୁ ବେହେରା, ଉପ ସଭାପତି ଜଗା ବାଦାମ, ମହାସଂଘର ରାମକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ହାତରେ ବେନର ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ବନ୍ଦର ଲିଜ ଜମିର ଅପବ୍ୟବହାର ଅଭିଯୋଗ ନେଇ ମାମଲା

ପାରାଦୀପ ,(ପି.ଏନ); ବଡପଡ଼ିଆ ସ୍ଥିତ ପାରାଦୀପ ବନ୍ଦର ର ଏକ ଲିଜ ଜାଗା ନେଇଥିବା ସନ୍ତୋଷ କୁମାର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଉମାଶଙ୍କର ମହାନ୍ତି ଙ୍କୁ ଦୋକାନ କରିବା ପାଇଁ ୨୦ ବର୍ଷ ପାଇଁ ଭଡା ସୂତ୍ରରେ ଦୀର୍ଘ ମିଆଦି ଲିଜ ଦେଇଥିଲେ କ୍ଷ କିନ୍ତୁ ବନ୍ଦର ଲିଜ ଚୁକ୍ତିକୁ ଅଣଦେଖା କରି ମୂଳ ଲିଜଧାରୀ ଅନ୍ୟକୁ ଲିଜ ଦେବା ଏବଂ ଜମିରେ ନୂତନ ନିର୍ମାଣ ବୃଦ୍ଧି କରିବା ନେଇ ଅଭିଯୋଗ ହୋଇଛି କ୍ଷ ଅନ୍ୟ ପକ୍ଷରେ ପାରାଦୀପ ବନ୍ଦର ସହିତ ୨୦୧୨ ମସିହାରୁ ଏହି ଲିଜ ଶେଷ ହୋଇଥିବା ଏବଂ ସମ୍ପ୍ରତି ନୂତନ ଚୁକ୍ତି ହୋଇନଥିବା ସ୍ଥଳେ ମୂଳ ଲିଜଧାରୀ ସନ୍ତୋଷ ପଟ୍ଟନାୟକ ଏକ ମିଠା ଦୋକାନ କରିଥିବା ଉମାଶଙ୍କର ମହାନ୍ତି ଙ୍କୁ ଏଠାରୁ ହଟାଇ ଅନ୍ୟ ଜଣଙ୍କୁ ଭଡା ଦେଇଥିବା ଅଭିଯୋଗ କରି ଉମାଶଙ୍କର କୁଜଙ୍ଗ ସିନିଅର ସିଭିଲ ଜଜ କୋର୍ଟ ରେ ଏକ ମକଦମା ଦାୟର କରିଛନ୍ତି । ପାରାଦୀପ ପୋର୍ଟ ଟ୍ରଷ୍ଟ ବର୍ତ୍ତମାନର ପାରାଦୀପ ବନ୍ଦର ଅଥରିଟି ଯାହାଦ୍ୱାରା କି ୨୮୩୩.୫୭ ସ୍କୋୟାର ଫୁଟ ଜାଗା,ଖାତା ନମ୍ବର ୨୭, ପ୍ଲଟ ନମ୍ବର ୪୮, ବଡପଡ଼ିଆ ମାର୍କେଟ ନିକଟରେ ଲିଜ ସୂତ୍ରରେ ସନ୍ତୋଷ ପଟ୍ଟନାୟକ ଙ୍କୁ ଯୋଗାଇ ଦିଆଯାଇଥିଲା କ୍ଷ ସେହି ଜାଗାକୁ ସିଏ କାହାକୁ ଭଡାରେ ଦେଇପାରିବେ ନାହିଁ କିମ୍ବା ଲିଜ ର ନିୟମ ବାହାରେ କୌଣସି ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ବଡ ଆଶ୍ଚର୍ଯ୍ୟ କଥା ଏହିକି ଏଠାରେ ଏକ ଦୋକାନ ଗୃହ ନିର୍ମାଣ କରି ଶ୍ରୀମନ୍ଦିର ନାମକ ଏକ ମିଠା ଦୋକାନକୁ ୨୦ ବର୍ଷ ପାଇଁ ଭଡା ସୂତ୍ରରେ ଦେଇଥିଲେ କ୍ଷ ତେବେ ବର୍ତ୍ତମାନ ପୁନର୍ବାର ମୂଳ ଲିଜଧାରୀ ଏହାକୁ ଅନ୍ୟ ଜଣକୁ ଭଡା ଦେବା ନେଇ ବିବାଦ ସୃଷ୍ଟି ହୋଇ ଏବେ ମାମଲା କୋର୍ଟ ରେ ପହଞ୍ଚିଛି । ତେବେ ଏ ବାବଦରେ ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉମାଶଙ୍କର ଦାବୀ କରିଛନ୍ତି କ୍ଷ ଅନ୍ୟପକ୍ଷରେ ମୂଳ ଲିଜଧାରୀ ଶ୍ରୀ ପଟ୍ଟନାୟକ ଙ୍କ ମତାମତ ମିଳି ପାରିନାହିଁ।

## ପ୍ରଧାନ ଶିକ୍ଷକଙ୍କ ଢିଲା ମନ ବୃତ୍ତି ଓ ସ୍କୁଲକୁ ନିୟମିତ ନ ଆସିବା ଯୋଗୁଁ ସ୍କୁଲ ପିଲାଙ୍କ ଦ୍ୱାରା ଲହୁଲୁହାଣ ହେଲେ ଦଶମ ଶ୍ରେଣୀ ଛାତ୍ର

ଫୁଲବାଣୀ : କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡ଼ା ଗ୍ରାମର ଶ୍ରୀଦେବୀ ଉଚ୍ଚବିଦ୍ୟାଳୟ ବିଶିପଡ଼ା ସ୍କୁଲରେ ଚାଲିଥିବା କୌଣସି ଏକ ପରୀକ୍ଷାର ପ୍ରଶ୍ନପତ୍ର ଦିଆନିଆକୁ କେନ୍ଦ୍ର କରି ଗୋଟିଏ ୧୦ମ ଶ୍ରେଣୀ ଛାତ୍ରକୁ ଅନ୍ୟ ୫ ଜଣ ଛାତ୍ର ସଂଘବଦ୍ଧ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିବା ଦେଖିବାକୁ ମିଳିଛି କ୍ଷ ଛାତ୍ର ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବିଶିପଡ଼ା ଗ୍ରାମରେ,ଶ୍ରୀଦେବୀ ହାଇସ୍କୁଲର ୧୦ମ ଶ୍ରେଣୀରେ ପଢୁଥିବା ହରିଶ୍ଚନ୍ଦ୍ର ବେହେରାକୁ ଖେଳପଡିଆରେ ଅନ୍ୟ ଛାତ୍ର ମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ଛାତ୍ରଟି ଗୁରୁତର ଭାବେ ଆହତ ହୋଇ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛି ତାର ଛାତି, ପେଟ ଏବଂ ଶରୀରର ଅନ୍ୟାନ୍ୟ ଜାଗାରେ ମାଡ଼ ହୋଇଛି । ଯାହା ସୂଚନା ରହିଚି ଗତ ଶୁକ୍ରବାର ଦିନ ୩ ଟା ସମୟରେ ବିଶିପଡ଼ା ଶ୍ରୀଦେବୀ ହାଇସ୍କୁଲ୍ ରେ କିଛି ଛାତ୍ର ହରିଶଚ୍ନ୍ଦ୍ର ୧୦ ମ ଶ୍ରେଣି ଛାତ୍ରକୁ ଫୁଟବଲ୍ ଖେଳିବାକୁ ଡାକି ନେଇ ଅତର୍କିତ ଆକ୍ରମଣ କରିଥିଲେ । ଗୀତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୧୯ କଳାକାର ସାମିଲ



ମାଲକାନଗିରି,(ପି.ଏନ): ଆଜି ସ୍ଥାନୀୟ ସଂସ୍କୃତି ଭବନ ଠାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲ୍ଲାରେ ଖାଲି ପଡ଼ିଥିବା ସ୍ଥାନ ପୂରଣ ନିମନ୍ତେ ଚ଼ୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାର ୬୭୨ ଜଣ କଳାକାରଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ରହିଛି । ତନ୍ମଧ୍ୟରୁ ୬୫୩ ଜଣ କଳାକାର ଭତ୍ତା ପାଉଛନ୍ତି । ଏହି ଯୋଜନାରେ ଜିଲ୍ଲାରେ ବଳକା ଥିବା ୧୯ ଟି ସ୍ଥାନ ପୂରଣ କରିବା ନିମନ୍ତେ ଏକ ଚ଼ୟନ କମିଟି କରାଯାଇ ଆଜି ବଳକା ତାଲିକାରେ ଥିବା କଳାକାରଙ୍କ ଦକ୍ଷତା ପରୀକ୍ଷା କରାଯାଇଛି । ଏହି ଚ଼ୟନ କମିଟିରେ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମିଳା ମାଝୀ, ବିନାଶ ମିଶ୍ର, ଜ୍ଞାନଦେବ ସାହୁ ଏବଂ ବସନ୍ତ କୁମାର ଡାକୁଆ ଦକ୍ଷତା ପରୀକ୍ଷା କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଘେନୁ ମୁଦୁଲି, ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି, ବରିଷ୍ଠ କଳାକାର ଅନାଦି କଡ଼ାଙ୍କ ସମେତ ଜିଲ୍ଲାର ବ୍ଲକ୍ କଳା ସଂସ୍କୃତି ସଂଘର ସଦସ୍ୟ, ଜିଲ୍ଲା ସଂସ୍କୃତି ବିଭାଗର କର୍ମଚ଼ାରୀ ଓ କଳାକାର ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ଡଙ୍ଗରଛିଂଚି ପଂଚାୟତ ଅଫିସ ସମ୍ମୁଖରେ ଧାରଣା

ଜୟପୁର, (ପି.ଏନ): ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଜୟପୁର ବ୍ଲକ ର ଡଙ୍ଗରଛିଂଚି ପଂଚାୟତରେ ଧାରଣା ଦିଆଯାଇଥିଲା। ବିଭିନ୍ନ ସମସ୍ୟା ଯେମିତିକି ପାଣି ପାଇଁ ନଳକୂପ ନାହିଁ, ପ୍ରଧାନମନ୍ତ୍ରୀ ଆବାସ ରେ ତୁଷ୍ଟି କରଣ ଚାଲିଛି, ବହୁ ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଂଚିତ ହୋଇଛନ୍ତି, ଜାଣିଶୁଣି ଗରିବ ଲୋକଙ୍କ ନିବେଦନକୁ କର୍ଣ୍ଣପାତ କରୁନାହାନ୍ତି, ଭତା ପ୍ରଦାନରେ ହେର୍ ଫେର, ଭିନ୍ନକ୍ଷମ ଲୋକଙ୍କ ସମସ୍ୟାର ସମାଧାନ ହେଉନି, ଦୁର୍ନୀତିର ଗନ୍ତାଘର ସାଜିଛି ଡଙ୍ଗରଛିଂଚି ପଂଚାୟତ । ପ୍ରତ୍ୟେକ ଗାଁରେ ସମସ୍ୟା ଯେମିତିକି କଂଜେଇ ମଳିଗୁଡା, ପାତ୍ର ପୁଟ, ବରଙ୍ଗାପୁଟ, ବଡାପାର, ଚାନ୍ଦିଲି, ମୁଖି ଖୁଡୁପୀ ଗ୍ରାମରେ ବିଭିନ୍ନ ସମସ୍ୟା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୩ ଘଂଟା ର ଏହି ଧାରଣାର ନେତୃତ୍ୱ ନେଇଥିଲେ ଫାଂପୁଣି ମଣ୍ଡଳ ସଭାପତି ଦିନବନ୍ଧୁ ପ୍ରଧାନ, ତାଙ୍କ ସହ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଗୌତମ ସାମନ୍ତରାୟ, ନଳିନୀ, ଜୟପୁର ନଗର ମଣ୍ଡଳ ସଭାପତି ରାଧେଶ୍ୟାମ ପରିଡା, ସନ୍ତୋଷ ପାତ୍ର, ରାମୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ରସାବଳି ଦିବସ ପାଳନ ଉତ୍ସବ

ଭୁବନେଶ୍ୱର,(ପି.ଏନ): ଆଜି ଗୁରୁ କେଳୁଚ଼ରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି ରାଜ୍ୟ ସ୍ତରୀୟ ରସାବଳି ଦିବସ-୨୦୨୩ ଉତ୍ସବ। ଏହି ଉତ୍ସବକୁ ଓଡିଶା ସଂସ୍କୃତି ଓ ପରମ୍ପରା ପୁନରୁଦ୍ଧାର ସମିତିର ପକ୍ଷରୁ ଆୟୋଜନ କରାଯାଇଥିଲା। ସମିତିର ଆବାହକ ଜ୍ୟୋସ୍ନାମୟୀ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇ ଥିଲା ଏହି କାର୍ଯ୍ୟକ୍ରମରେ କେନ୍ଦାପଡାରୁ ଆସିଥିବା ପାଲା, କେନ୍ଦରା, ସଂକୀର୍ତ୍ତନ, ଘୋଡାନାଚ଼ର କଳାକାର ମାନଙ୍କୁ 'ସଂସ୍କୃତି ଓ ପରମ୍ପରା ସୁରକ୍ଷା ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା । ସଂଧ୍ୟାରେ କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜିଉଙ୍କର ଜନ୍ମଦିନ ଅବସରରେ ପାରମ୍ପରିକ ନୃତ୍ୟ, ଗୀତ କଳାକାର ମାନଙ୍କ ଦ୍ୱାରା କରାଯାଇଥିଲା। ଏହାପରେ କେନ୍ଦ୍ରାପଡା ପ୍ରସିଦ୍ଧ ରସାବଳି ବହିର ଲେଖକ ନିରଞ୍ଜନ ମେକପ ଓ ଅମରେନ୍ଦ୍ର ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ରସାବଳୀ ଷ୍ଟଲକୁ ଦର୍ଶକନିମନ୍ତେ ଉଦ୍ ?ଘାଟନ କରାଯାଇଥିଲା। ଯେଉଁ ରସାବଳି ପ୍ରସାଦକୁ ଉପସ୍ଥିତ ଦର୍ଶକମାନେ ଖାଇ ଭରପୁର ଆନନ୍ଦ ଉଠାଇଥିଲେ। କେନ୍ଦ୍ରାପଡାର ଶ୍ରୀଶ୍ରୀ ବଳଦେବଜିଉଙ୍କ ପ୍ରିୟ ଭୋଗ ରସାବଳିକୁ ମହାପ୍ରଭୁ ବଳଦେବଙ୍କ ଜନ୍ମଦିନ ରକ୍ଷାବନ୍ଧନ ଉତ୍ସବରେ ରସାବଳି ଦିବସ ଭାବେ ପ୍ରତିବର୍ଷ ପାଳନ କରିବା ଓ ରସାବଳିକୁ ସରକାର ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ନିବେଦନ କରି, ରାଜ୍ୟ ସଂସ୍କୃତି ଓ ପରମ୍ପରା ପୁନଃରୁଦ୍ଧାର ସମିତି ଏହି କାର୍ଯ୍ୟକ୍ରମକୁ କରିଥିବା ମତପ୍ରକାଶ କରିଛି। ଆଜି ସଂଧ୍ୟାର ଉତ୍ସବରେ ବିଧାୟକ ଶଶୀଭୂଷଣ ବେହେରା କେନ୍ଦ୍ରାପଡ଼ା,ମେୟର ସୁଲୋଚ଼ନା ଦାସ, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ୍ ରାଉତରାୟ, ଓଟିଡିସି ଅଧକ୍ଷ ଡ଼୍ର ଲେଲିନ୍ ମହାନ୍ତି, ନନ୍ଦୀଘୋଷ ଟିଭି ମୁଖ୍ୟ ଶିଶିର ଭଟ୍ଟମିଶ୍ର, ସାଂସଦ ଅମର ପଟ୍ଟନାୟକ, ଯୁବନେତା ସଞ୍ଜୟ ଅଗ୍ରୱାଲ, ଏମଏସଏମଇ ବିଭୁତୀଭୁଷଣ ଦାସ ଆଇଓଏଫଏସ୍ ଅତିଥିଭାବେ ଯୋଗଦେଇ ରସାବଳି ଦିବସକୁ ପ୍ରଶଂସା କରିବା ସହିତ ସରକାରଙ୍କ ନିକଟରେ ଜିଆଇ ଟ୍ୟାଗ୍ ପାଇଁ ଆବେଦନକରି ନିଶ୍ଚିୟ ଏହି ପ୍ରୟାସକୁ ସଫଳକରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରସାବଳିକୁ ନେଇ ଜୟଶ୍ରୀ ଧଳଙ୍କ ଏକ ମ୍ୟୁଜିକ ଭିଡିଓ ଏବଂ ଏକ ପୁସ୍ତକ ଉନ୍ମୋଚ଼ନ କରାଯାଇଥିଲା। ଶେଷରେ ରସାବଳି ଗୀତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଶେ ?ଷରେ ଆବାହକ ଶ୍ରୀମତୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱ ଛୁରୀ ଭୁଜାଲି ଏବଂ ଗଞ୍ଜେଇ ସହ ଚିଲମ ଧରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ଏବଂ ଛାତ୍ର ହରିଶ୍ଚନ୍ଦ୍ର ବେହେରା ଏହି ଘଟଣା ଦିନ ସ୍କୁଲ୍ ପ୍ରଧାନ ଶିକ୍ଷକ ସ୍କୁଲରେ ନଥିବା ସହ ପିଲାମାନଙ୍କୁ ଏପରି କାମରେ ଲିପ୍ତ ରହିବା ପାଇଁ ପ୍ରୋତ୍ସାହନ ଦେଉଥିବାର କହିଛନ୍ତି ଛାତ୍ର । ଆହତ ଛାତ୍ରର ଡାକ୍ତର ମାନେ ଚିକିତ୍ସା ଜାରି ରଖିଛନ୍ତି କ୍ଷ ଏ ସଂକ୍ରାନ୍ତରେ ଆହତ ଛାତ୍ରର ବାପା ମୁକୁନ୍ଦ ବେହେରା ସଦର ଥାନାରେ ଏତଲା ଦେଇଛନ୍ତି କ୍ଷ ଏତଲା ଆଧାରରେ ସଦର ଥାନା ପୋଲିସ ୫ ଜଣ ଛାତ୍ରଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ହର୍ଷ ଉଲ୍ଲାସର ସହିତ ଏମ୍ସ ଭୁବନେଶ୍ୱରରେ ପାଳନ ହେଲା ଚ଼ନ୍ଦ୍ରାୟଣ ମହୋତ୍ସବ



ଭୁବନେଶ୍ୱର,(ପି.ଏନ): ପରିବେଶ ଥିଲା ଅତ୍ୟନ୍ତ ପୁଲକିତ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫୁଟିଉଠୁଥିଲା ଦେଶମାତୃକାର ସେବା ନିମନ୍ତେ ତ୍ୟାଗର ଅନନ୍ୟ ନିଦର୍ଶନ। ଭାରତର ଐତିହାସିକ ଗୌରବମୟ ଚ଼ନ୍ଦ୍ର ଅଭିଯାନରେ ପ୍ରତ୍ୟେକ୍ଷ ଭାବେ ସାମିଲ ନହୋଇପାରିଥିଲେ ମଧ୍ୟ, ଏହି ମହନୀୟ ଯାତ୍ରାରେ ସାମିଲ ଥିବା ସମସ୍ତ ଅଂଶୀଦାରଙ୍କୁ ପ୍ରଶଂସା କରିବା ଏବଂ ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାର ପ୍ରତିବଦ୍ଧତା ଝଲସି ଉଠିଥିଲା ଏମ୍ସ ଭୁବନେଶ୍ୱର ପରିସରରେ। ଅବସର ଥିଲା ଚ଼ନ୍ଦ୍ରାୟଣ ମହୋତ୍ସବ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ କର୍ମଚ଼ାରୀମାନେ ହର୍ଷ, ଉଲ୍ଲାସର ସହିତ ଆଜି ପାଳିତ ହୋଇଯାଇଛି ଚ଼ନ୍ଦ୍ରାୟଣ ମହୋତ୍ସବ। ଚ଼ନ୍ଦ୍ରର ଦକ୍ଷିଣ ମେରୁରେ ରୋଭର୍ ଅବତରଣ ଏବଂ ପରେ ପରେ ଚ଼ନ୍ଦ୍ରପୃଷ୍ଠରେ ପ୍ରଜ୍ଞାନର ବିଚ଼ରଣ, ସମଗ୍ର ବିଶ୍ୱରେ ଭାରତର ମହାକାଶ ଅଭିଯାନକୁ ଏକ ଗୌରବମୟ ଅଧ୍ୟାୟରେ ସ୍ଥାନ ଦେଇଛି ।ଦେଶର ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣା ମଧ୍ୟ ଏହି କାର୍ଯ୍ୟକ୍ରମକୁ ବେଶ୍ ? ସଫଳ କରିଥିଲା। ପ୍ରଧାନମନ୍ତ୍ରୀ ସଦାସର୍ବଦା ଯୁବଗୋଷ୍ଠୀ ଏବଂ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳପ୍ରତି ଆଗ୍ରହୀ ହେବାକୁ ଉତ୍ସାହିତ କରିଥାଆନ୍ତି। ଭାରତର ଚ଼ନ୍ଦ୍ର ଅଭିଯାନ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଲିପିବଦ୍ଧ କରିଛି। ଏମ୍ସ ଭୁବନେଶ୍ୱରରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରି ବେଶ ଆନନ୍ଦିତ ଥିବା ପ୍ରକାଶ କରିଛନ୍ତି ଡ. ବିଶ୍ୱାସ। ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ମିସନ୍, ରେଳ ଆଦି ବିଭିନ୍ନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରି ଛାତ୍ରଛାତ୍ରୀମାନେ ଭାରତକୁ ଉନ୍ନତିର ଶୀର୍ଷକୁ ନେବାକୁ ଡ. ବିଶ୍ୱାସ ଆହ୍ୱାନ କରିଥିଲେ। ବୈଜ୍ଞାନିକ ଏବଂ ବୈଷୟିକ ସଫଳତାର ଉତ୍ସବ କେବଳ ପରୀକ୍ଷାଗାର କିମ୍ବା ଅନୁଷ୍ଠାନଗୁଡିକରେ ସୀମାବଦ୍ଧ ନହୋଇ ସାଧାରଣ ଜନତାଙ୍କ ମଧ୍ୟରେ ଆଦୃତ ଏବଂ ବହୁଳ ପ୍ରସାର ଦ୍ୱାରା ଏହାର ପ୍ରକୃତ ଉପଲବ୍ଧିକୁ ଅନୁଭବ କରିହେବ। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ସବୁବେଳେ ଉତ୍ସାହିତ କରିଥାଆନ୍ତି ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି ।ଏହି ଅବସରରେ ଏମ୍ସରେ ଚ଼ନ୍ଦ୍ରାୟଣ ଅଭିଯାନରେ ସାମିଲ ରକେଟ୍, ରୋଭର୍, ପ୍ରଜ୍ଞାନ୍ ଆଦିର ପ୍ରତିକୃତି ସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଚ଼ନ୍ଦ୍ରାୟଣ ଅଭିଯାନ ରଙ୍ଗୋଲୀ ମଧ୍ୟ ଗାନ କରୁଥିଲା ଦେଶଭକ୍ତିର ମହମହ ବାସ୍ନା ।ଏହି ଅବସରରେ ଡିନ୍ ଡ. ପି ଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, କଲେଜ୍ ଅଫ୍ ନର୍ସିଂର ଅଧକ୍ଷା ଡ. ଆଶା ପି ସେଟ୍ଟୀ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray